ବର୍ଷ-୨୬, ସଂଖ୍ୟା-୧୫୫
ଭୁବନେଶ୍ୱର
୦୯, ଜୁନ ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 155
Bhubaneswar
09, June, 2026 Tuesday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଭାରତର ଐତିହାସିକ ବିଜୟ

# ମୟୂରଭଞ୍ଜ ଜିଲ୍ଲା ବିକାଶରେ ନୂଆ ଅଧ୍ୟାୟ

ଭୁବନେଶ୍ୱର/ବାରିପଦା,୮।୬(ମହାଭାରତ): ମୟୂରଭଞ୍ଜ ଏବଂ ସମଗ୍ର ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଜି ଏକ ନୂତନ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ବାରିପଦା ଗସ୍ତରେ ଯାଇ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ନୂତନ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉଦ୍‌ଘାଟନ କରିବା ସହିତ ଏହି ଅବସରରେ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ୪୩୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ୨୮୨ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୨୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ୧୪୯ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୧୮ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରାଯାଇଛି। ବିଶେଷ ଭାବେ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୮୩ଟି ପାନୀୟ ଜଳ ପ୍ରକଳ୍ପ ଆଜି ଉଦ୍‌ଘାଟିତ ହୋଇଛି, ଯାହା ଦ୍ୱାରା ଏହି ସବୁ ଅଞ୍ଚଳରେ ଦୀର୍ଘ ଦିନର ପାନୀୟ ଜଳ ସମସ୍ୟା ଦୂର ହେବ ଏବଂ ଜନସାଧାରଣଙ୍କ ଦୈନନ୍ଦିନ ଜୀବନରେ ବ୍ୟାପକ ସୁଧାର ଆସିବ। ଏହି ସମସ୍ତ ପ୍ରକଳ୍ପ ଜିଲ୍ଲାବାସୀଙ୍କୁ ସମସ୍ତ ମୌଳିକ ସେବା ଯୋଗାଇଦେବାରେ ସହାୟକ

- ୪୩୦ କୋଟିର ପ୍ରକଳ୍ପ ସହ ୬୫୦ ଶଯ୍ୟାର ନୂଆ ଟିଚିଙ୍ଗ୍ ହସ୍ପିଟାଲ ଲୋକାର୍ପିତ
- ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲର ନୂତନ ବିଲ୍‌ଡିଂ ଭେଟି ଦେଲେ ମୁଖ୍ୟମନ୍ତ୍ରୀ
- ୩୯ ପ୍ରକଳ୍ପର ଶୁଭାରମ୍ଭ, ୧୦୦ କୋଟିର ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ
- ୨୫୮ କୋଟିର ସ୍ୱାସ୍ଥ୍ୟ ଭିତ୍ତିଭୂମି: ଉତ୍ତର ଓଡ଼ିଶାର ପ୍ରମୁଖ ରେଫରାଲ୍ ସେଣ୍ଟର

ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି।

ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ମୋଟ ୪୩୦.୨୬ କୋଟି ଟଙ୍କା ବିନିଯୋଗ କରାଯାଉଛି। ଏହି ବୃହତ ବ୍ୟୟବରାଦ ଅଧୀନରେ ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ କ୍ଷେତ୍ର ସହିତ ଜଡ଼ିତ ୩୯ଟି ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଫଳରେ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସୁଧାର ଆସିବ, ଯାହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପ୍ରକାଶ ପାଇଛି।

ଏହି ବିଶାଳ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟରେ ହେବ।

ଏହି ସାର୍ବଜନୀନ ବିକାଶ କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ପ୍ରମୁଖ ଆକର୍ଷଣ ଥିଲା ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ନୂତନ ବିଲ୍‌ଡିଂର ଲୋକାର୍ପଣ। ଏହି ଅତ୍ୟାଧୁନିକ ବହୁମୁଖୀ ଚିକିତ୍ସାଳୟ କେବଳ ବାରିପଦା କିମ୍ବା ମୟୂରଭଞ୍ଜ ଜିଲ୍ଲା ନୁହେଁ, ବରଂ ସମଗ୍ର ଉତ୍ତର ଓଡ଼ିଶା ଏବଂ ଏହାର ପଡ଼ୋଶୀ ଅଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂଆ ବିପ୍ଳବ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରାୟ ୨୫୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଆଧୁନିକ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉତ୍ତର ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପମାନଙ୍କ ମଧ୍ୟରୁ ଗୋଟିଏ। ଆଧୁନିକ ସୁବିଧା, ଉନ୍ନତ ନିଦାନ ସେବା, ବିଶେଷଜ୍ଞ ଚିକିତ୍ସା ବିଭାଗ, ଗୁରୁତର ଚିକିତ୍ସା ସୁବିଧା, ଜରୁରୀକାଳୀନ ସେବା ଏବଂ ଉନ୍ନତ ଶିକ୍ଷାଦାନ ଭିତ୍ତିଭୂମି ସହିତ ଏହି ହସ୍ପିଟାଲ ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଅନେକ ଗୁଣରେ ଶକ୍ତିଶାଳୀ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ନୂତନ ଟିଚିଙ୍ଗ୍ ହସ୍ପିଟାଲ କେବଳ ମୟୂରଭଞ୍ଜର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବ ନାହିଁ, ବରଂ ପଡ଼ୋଶୀ ଜିଲ୍ଲା, ପଡ଼ୋଶୀ ରାଜ୍ୟ ଏବଂ ଆଖପାଖର




ଜନଜାତି ଅଞ୍ଚଳର ରୋଗୀମାନଙ୍କୁ ମଧ୍ୟ ବହୁଳ ଭାବେ ଉପକୃତ କରିବ। ବୃଦ୍ଧି ପାଇଥିବା ଶଯ୍ୟା ସଂଖ୍ୟା, ବିଶେଷଜ୍ଞ ଚିକିତ୍ସା ସୁବିଧା ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ଯୋଗୁ ଏହା ଉତ୍ତର ଓଡ଼ିଶାର ଏକ ପ୍ରମୁଖ ରେଫରାଲ୍ ସେଣ୍ଟର ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଯେଉଁ ଉନ୍ନତ ଚିକିତ୍ସା ସେବା ପାଇଁ ପୂର୍ବରୁ ଲୋକମାନଙ୍କୁ ଦୂର ସହରକୁ ଯିବାକୁ ପଡୁଥିଲା, ସେହି ସେବା ଏବେ ଘର ନିକଟରେ ଉପଲବ୍ଧ ହେବ, ଯାହାଦ୍ୱାରା ରୋଗୀଙ୍କ ପରିବାରର ଆର୍ଥିକ ଓ ଶାରିରୀକ କଷ୍ଟ ଦୂର ହେବା ସହିତ ସଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ସୁବିଧା ମିଳିପାରିବ। ମୟୂରଭଞ୍ଜ ଜିଲ୍ଲାରେ ବହୁ ସଂଖ୍ୟାରେ ଜନଜାତି ଭାଇ ଭଉଣୀ ବାସ କରୁଥିବାରୁ କମ୍ୟୁନିଟି ହେଲ୍‌ଥ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା, ଜନସ୍ୱାସ୍ଥ୍ୟ ଗବେଷଣା ଏବଂ ଜନଜାତି ବର୍ଗଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଏହି ମେଡିକାଲ କଲେଜ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ ଆଶା ବ୍ୟକ୍ତ କରିଛନ୍ତି।

ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧.୩୦ କୋଟି ପରିବାରର ୩.୪୬ କୋଟି ବ୍ୟକ୍ତିଙ୍କୁ ଦେଶର ବିଭିନ୍ନ ନାମିଦାମୀ ସରକାରୀ ଓ ବେସରକାରୀ ହସ୍ପିଟାଲରେ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ବର୍ତ୍ତମାନର ସରକାର ଆସିବାର ମାତ୍ର ୨୦ ମାସ ମଧ୍ୟରେ ଯାଜପୁର, କନ୍ଧମାଳ ଓ ତାଳଚେରରେ ୩ଟି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରାଯାଇଛି। ଗତ ଫେବୃଆରୀ ମାସରେ ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ପାଇଁ ଶୁଭ ଦିଆଯାଇଥିବା ବେଳେ ଖୁବ୍ ଶୀଘ୍ର ଢେଙ୍କାନାଳ, ଜଗତସିଂହପୁର ଓ ଭଦ୍ରକରେ ମଧ୍ୟ ମେଡିକାଲ କଲେଜ ସ୍ଥାପନ ହେବ। ସେହିପରି ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଗଜପତି, ମାଲକାନଗିରି, ରାୟଗଡାରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ସହିତ ନୟାଗଡ ଓ ନୂଆପଡାରେ ୨ଟି ନୂଆ ହୋମିଓପାଥିକ ମେଡିକାଲ କଲେଜ ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରି ଡାକ୍ତରୀ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସହିତ କଥା ହୋଇଥିଲେ।

ମେଡିକାଲ କଲେଜର ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଡାକ୍ତରୀ କେବଳ ଏକ ବୃତ୍ତି ବା ଜୀବିକା ନୁହେଁ, ଏହା ଏକ ପବିତ୍ର ଈଶ୍ୱରୀୟ ବ୍ରତ। ସମାଜ ଡାକ୍ତରମାନଙ୍କୁ 'ଭଗବାନଙ୍କ ଦ୍ୱିତୀୟ ରୂପ' ଭାବେ ଗ୍ରହଣ କରିଥାଏ, କାରଣ ଜନ୍ମ ଓ ମୃତ୍ୟୁ ମଧ୍ୟରେ ଜୀବନକୁ ସୁରକ୍ଷିତ ରଖିବାର ଦାୟିତ୍ୱ ସେମାନଙ୍କ ହାତରେ ଥାଏ। ଡାକ୍ତରଙ୍କ ଷ୍ଟେଥୋସ୍କପ୍ ଏବଂ କଲମରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାର ଅସୀମ ଶକ୍ତି ରହିଛି ଏବଂ ମୁମୂର୍ଷୁ ରୋଗୀର ଆଖିରୁ ଲୁହ ପୋଛିବା ହିଁ ଜଣେ ଚିକିତ୍ସକଙ୍କ ଜୀବନର ସବୁଠାରୁ ବଡ଼ ସଫଳତା।

ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ମହାନ ସମାଜ ସଂସ୍କାରକ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ତ୍ୟାଗ ଓ ଆଦର୍ଶକୁ ମନେ ପକାଇଥିଲେ। ସେ କହିଥିଲେ ଯେ ମୟୂରଭଞ୍ଜ ହେଉଛି ସରଳ ଓ ନିଷ୍କପଟ ଜନଜାତି ଭାଇଭଉଣୀଙ୍କ ମାଟି। ତେଣୁ ଏହି ଅନୁଷ୍ଠାନରୁ ଶିକ୍ଷାଲାଭ କରୁଥିବା ଭବିଷ୍ୟତର ଡାକ୍ତରମାନେ ପାଠପଢ଼ା ଶେଷ କରିବା ପରେ ସମାଜର ସବୁଠାରୁ ଶେଷ ଧାଡ଼ିରେ ଥିବା ଗରିବ, ଦଳିତ, ଅବହେଳିତ ଏବଂ ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ସେବାକୁ ନିଜର ପ୍ରଥମ କର୍ତ୍ତବ୍ୟ ଭାବେ ଗ୍ରହଣ କରିବା ଉଚିତ।

ସନାତନ ସଂସ୍କୃତିରେ 'ସେବା ହିଁ ପରମ ଧର୍ମ' ବାର୍ତ୍ତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରକୃତ ଡାକ୍ତରୀ ଶିକ୍ଷା ହେଉଛି ବିଜ୍ଞାନ ଓ କାରୁଣ୍ୟର ଏକ ଅପୂର୍ବ ସମନ୍ୱୟ। ଆଧୁନିକ ମେଡିକାଲ ଯନ୍ତ୍ରପାତି ରୋଗୀର କଷ୍ଟ ବୁଝିପାରେ ନାହିଁ, ମାତ୍ର ଡାକ୍ତରଙ୍କ ମୁହଁର ମିଠା କଥା ଓ ସହାନୁଭୂତିପୂର୍ଣ୍ଣ ବ୍ୟବହାର ରୋଗୀକୁ ଆନ୍ତରିକ ସୁସ୍ଥତା ପ୍ରଦାନ କରେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିବା ସହ ସେମାନେ ଓଡ଼ିଶାକୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦେଶର ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ିବାର ପ୍ରଧାନ ସାରଥୀ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

## ବଜ୍ରାଘାତରେ ଦିଅର ଭାଉଜ ମୃତ

ଢେଙ୍କାନାଳ୮।୬(ମହାଭାରତ): :ବଜ୍ରାଘାତରେ ଦିଅର ଭାଉଜ ମୃତ। ହିନ୍‌ଦୋଳ ବ୍ଲକ୍ ବାଉଁଶ ପୋଖରୀ ପଞ୍ଚାୟତ ବନ୍ଧାଭୂଇଁ ଗ୍ରାମରେ ବଜ୍ରାଘାତ ନେଲା ଦୁଇ ଜୀବନ।ମୃତକ ହେଲେ ସୁବାସିନି ସାହୁ ଏବଂ ତାଙ୍କ ଦିଅର ଗଣେଶ୍ୱର ସାହୁ। ଆଜି ଅପରାହ୍ନ ପ୍ରାୟ ୪ଟା ବେଳେ ଉଭୟ ଘର ନିକଟରେ ଥିବା ଏକ ଆମ୍ବ ଗଛରୁ ଆମ୍ବ ଗୋଟାଉଥିବା ବେଳେ ବଜ୍ରାଘାତର ଶିକାର ହୋଇଥିଲେ।ଉଭୟ ଦିଅର ଭାଉଜଙ୍କୁ ହିନ୍‌ଦୋଳ ମେଡିକାଲରେ ଭର୍ତ୍ତି କରିଥିଲେ ଗ୍ରାମବାସୀ।ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି। ଘଟଣାକୁ ନେଇ ହିନ୍‌ଦୋଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

## ଜଙ୍ଗଲରୁ ମିଳିଲା ହାତୀ ଛୁଆ କଙ୍କାଳ

ଭଞ୍ଜନଗର୮।୬(ମହାଭାରତ): : ଗଞ୍ଜାମଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ବନାଞ୍ଚଳର ଗାୟଗଣ୍ଡା ନିକଟସ୍ଥ ପାଇଛାଲିଆ ଜଙ୍ଗଲ ଭିତରୁ ସୋମବାର ଏକ ହାତୀ ଛୁଆର କଙ୍କାଳ ବନ ବିଭାଗ ଜବତ କରିଛି। ପ୍ରାୟ ଦୁଇମାସ ପୂର୍ବେ? ହାତୀଟିର ମୃତ୍ୟୁଘଟିଥିବା ବନ ବିଭାଗର ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ଗତକାଲି (ରବିବାର), ଜଙ୍ଗଲ ନିକଟସ୍ଥ ଏକ ଗ୍ରାମର ଜଣେ ଛେଳିଚରାଳୀ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ସେଠାରେ ଏକ ହାତୀର କଙ୍କାଳ ପଡିଥିବା ଦେଖି ଗ୍ରାମର ଅନ୍ୟମାନଙ୍କୁ ସୂଚିତ କରିଥିଲେ। ପରେ ବନ ବିଭାଗ ଅଧିକାରୀ ଏସଂପର୍କରେ ଅବଗତ ହେବା ପରେ ଘଟଣା ସ୍ଥଳରେ ପହଞ୍ଚି ଅନୁଧାନ କରିଥିଲେ। ଆଜି (ସୋମବାର) ବନ ବିଭାଗ ଅଧିକାରୀ ଏବଂ ଡାକ୍ତର ଟିମ୍? ଘଟଣାସ୍ଥଳରେ ପହଞ୍ଚିଥିଲେ। ଆବଶ୍ୟକ ପରୀକ୍ଷା ପରେ କଙ୍କାଳକୁ ପୋତିଦିଆଯାଇଛି। ଉକ୍ତ ହାତୀର ଅବଶିଷ୍ଟାଂଶ ତଥା ଚମଡ଼ା ଓ ହାଡର ନମୁନା ସଂଗ୍ରହ କରାଯାଇ ପରବର୍ତ୍ତୀ ପରୀକ୍ଷା ନିମନ୍ତେ ପଠାଯାଇଛି ବୋଲି ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ସୂଚନା ଦେଇଛନ୍ତି। ଉକ୍ତ ହାତୀର ମାଂସକୁ କଲରାପତରିଆ ବାଘ ଓ ଜଙ୍ଗଲୀ ହିଂସ୍ରଜନ୍ତୁ ଖାଇଥିବା ପରିପେକ୍ଷୀ ପରିସ୍ଥିତିରୁ ଜଣାପଡୁଥିବା ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

# ଷ୍ଟିଲ୍ ପ୍ଲାଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ, ୯ ଶ୍ରମିକଙ୍କ ମୃତ୍ୟୁ

ବିଶାଖାପଟ୍ଟଣମ୮।୬(ମହାଭାରତ): :ବିଶାଖାପଟ୍ଟଣମ ସ୍ଥିତ ବିଶାଖା ଷ୍ଟିଲ୍ ପ୍ଲାଣ୍ଟର ଏସଏମଏସ-୨ ବିଭାଗରେ ସୋମବାର ଏକ ଭୟାବହ ଔଦ୍ୟୋଗିକ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୮ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଅନ୍ୟ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଘଟଣା ସମଗ୍ର ଶିଳ୍ପାଞ୍ଚଳରେ ଶୋକ ଓ ଚିନ୍ତାର ପରିବେଶ ସୃଷ୍ଟି କରିଛି।

ପ୍ରାଥମିକ ସୂଚନା ଅନୁଯାୟୀ, ଲ୍ୟାଡଲ୍ ମାଧ୍ୟମରେ ପରିବହନ କରାଯାଉଥିବା ଅତ୍ୟଧିକ ଉତ୍ତପ୍ତ ଦ୍ରବୀଭୂତ ଧାତୁ ହଠାତ୍ ବାହାରକୁ ଛିଟି ପଡ଼ିଥିଲା। ମୁହୂର୍ତ୍ତକ ମଧ୍ୟରେ ସମଗ୍ର କାର୍ଯ୍ୟକ୍ଷେତ୍ର ଧୂଆଁ ଓ ଅଗ୍ନିରେ ଆବୃତ ହୋଇଯାଇଥିଲା। ଘଟଣାସ୍ଥଳରେ କାର୍ଯ୍ୟରତ ଶ୍ରମିକମାନେ ନିଜକୁ ରକ୍ଷା କରିବାକୁ ସମୟ ପାଇନଥିବାରୁ ଅନେକେ ଦ୍ରବୀଭୂତ ଧାତୁର ସଂସ୍ପର୍ଶରେ ଆସିଥିଲେ।



ଏହି ଦୁର୍ଘଟଣାରେ ୯ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଖବର ସବୁଠାରୁ ବଡ଼ ଦୁଃଖଦ ଘଟଣା ଭାବେ ସାମ୍ନାକୁ ଆସିଛି। ମୃତ ଶ୍ରମିକମାନଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିବା ବେଳେ ସହକର୍ମୀ ଓ ସ୍ଥାନୀୟ ଲୋକମାନେ ମଧ୍ୟ ଏହି ଘଟଣାରେ ମର୍ମାହତ ହୋଇଛନ୍ତି।ଘଟଣାର ଖବର ପାଇବା ପରେ ଅଗ୍ନିଶମ ବିଭାଗ, ପ୍ଲାଣ୍ଟର ସୁରକ୍ଷା ଦଳ ଓ ଉଦ୍ଧାରକାରୀ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ କେତେକଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ଦୁର୍ଘଟଣାର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିଲେ ମଧ୍ୟ ଯାନ୍ତ୍ରିକ ତ୍ରୁଟି କିମ୍ବା ସୁରକ୍ଷା ବ୍ୟବସ୍ଥାରେ ଅବହେଳା ଯୋଗୁଁ ଏହା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ପ୍ଲାଣ୍ଟ କର୍ତ୍ତୃପକ୍ଷ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।ବିଶାଖା ଷ୍ଟିଲ୍ ପ୍ଲାଣ୍ଟ ପରି ଏକ ପ୍ରମୁଖ ଶିଳ୍ପ ସଂସ୍ଥାନରେ ଘଟିଥିବା ଏହି ଦୁର୍ଘଟଣା ପୁଣିଥରେ ଶିଳ୍ପ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି। ମୃତ ଶ୍ରମିକମାନଙ୍କ ପରିବାରକୁ ଯଥୋଚିତ କ୍ଷତିପୂରଣ ଓ ଆହତମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ଦାବି ଜୋର ଧରିଛି।

# ଉଜ୍ଜ୍ୱଳା ହିତାଧିକାରୀ ଝଟକା

## ବର୍ଷକୁ ମିଳିବ ୪ଟି ଏଲପିଜି ସିଲିଣ୍ଡର

ନୂଆଦିଲ୍ଲୀ୮।୬(ମହାଭାରତ): ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ମଧ୍ୟରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କୁ ଏକ ଶକ୍ତ ଝଟକା ଲାଗିଛି। ଆଗକୁ ସେମାନେ ବର୍ଷକୁ ମାତ୍ର ୪ଟି ଏଲ୍ପିଜି ସିଲିଣ୍ଡର ରିହାତି ଦରରେ ପାଇବେ। ପୂର୍ବରୁ ସେମାନଙ୍କୁ ବର୍ଷକୁ ୧୨ଟି ସିଲିଣ୍ଡର ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ସେହି ସଂଖ୍ୟା ୯କୁ ହ୍ରାସ କରାଯାଇଥିଲା। ଏବେ ତାହାକୁ ୪ଟି ସିଲିଣ୍ଡରକୁ ହ୍ରାସ ପାଇଛି। ଯୋଜନାର ହିତାଧିକାରୀଙ୍କ ହାରାହାରି ଗ୍ୟାସ୍ ବ୍ୟବହାରକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ପେଟ୍ରୋଲିୟମ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ପ୍ରବୀଣ ମଲ ଖନୋଜା କହିଛନ୍ତି।

୨୦୧୬ରେ ଆରମ୍ଭ କରାଯାଇଥିବା ଉଜ୍ଜ୍ୱଳା ଯୋଜନାର ହିତାଧିକାରୀମାନଙ୍କୁ ୧୪.୨ କେଜି ବିଶିଷ୍ଟ ଏଲ୍ପିଜି ସିଲିଣ୍ଡର ଉପରେ ୨୦୦ ଟଙ୍କା ରିହାତି ଦେବାକୁ ୨୦୨୨ ମେରେ ସରକାର ନିଷ୍ପତ୍ତି ନେଇଥିଲେ। ୨୦୨୩ ଅକ୍ଟୋବରରେ ରିହାତି ପରିମାଣକୁ ୩୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା।ସେହି ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଉଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଗତ ତିନି ମାସରେ ୧୪.୨ କେଜି ବିଶିଷ୍ଟ ଏଲ୍ପିଜି ସିଲିଣ୍ଡର ଦାମ୍‌ରେ ୮୯ ଟଙ୍କା ବୃଦ୍ଧି ହେବାରୁ ତାହାର ମୂଲ୍ୟ ୯୪୨ ଟଙ୍କା ହୋଇଛି। ଉଜ୍ଜ୍ୱଳା ଯୋଜନାର ହିତାଧିକାରୀମାନେ ୩୦୦ ଟଙ୍କାର ରିହାତି ପାଉଥିବାରୁ ସେମାନଙ୍କ ପାଇଁ ସିଲିଣ୍ଡରର ପ୍ରଭାବୀ ଦର ୬୪୨ ଟଙ୍କା ରହିଛି।

# ବ୍ରାହ୍ମଣୀରେ ଦୁଇ ନିଖୋଜ, ଜଣେ ମୃତ

ଅନୁଗୋଳ,୮।୬(ମହାଭାରତ): ଅନୁଗୋଳ ଜିଲ୍ଲା ତାଳଚେରରେ ସୋମବାର ଏକ ନଦୀର ଗଭୀର ସୁଅରେ ଫସି ଭାସିଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ



ହୃଦୟବିଦାରକ ଅଘଟଣ ଘଟିଛି। ବ୍ରାହ୍ମଣୀ ନଦୀରେ ଗାଧୋଇବା ବେଳେ ୩ ଜଣ ସାଙ୍ଗ ନଦୀ ସୁଅରେ ଭାସିଯାଇଥିବା ବେଳେ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ଅନ୍ୟ ୨ ଜଣଙ୍କ ଖୋଜଖବର ଏପର୍ଯ୍ୟନ୍ତ ମିଳିନଥିବାରୁ ପରିବାର ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି।

ସୂଚନା ଅନୁସାରେ, ତାଳଚେର ଜଗନ୍ନାଥ ମନ୍ଦିର ନିକଟସ୍ଥ ବ୍ରାହ୍ମଣୀ ନଦୀ ଘାଟକୁ ୩ ଜଣ ସାଙ୍ଗ ଗାଧୋଇବା ପାଇଁ ଯାଇଥିଲେ। ହେଲେ ଗାଧୋଉଥିବା ସମୟରେ ହଠାତ୍ ସେମାନେ ବିଭାଗକୁ ଖବର ଦେଇଥିଲେ।ଖବର ପାଇ ତାଳଚେର ଅଗ୍ନିଶମ ବିଭାଗର ଟିମ୍ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ସମୟ ଖୋଜାଖୋଜି ପରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ୨ ଜଣଙ୍କ ସନ୍ଧାନରେ ଅପରେସନ୍ ଜାରି ରହିଛି। ଏହି ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକଜଣକ ଗଣେଶ ଗୋଛାୟତ ହୋଇଥିବା ବେଳେ ନିଖୋଜ ଦୁଇଜଣ ଶକ୍ତି ସାହୁ ଓ ପ୍ରିନ୍ସ ଲୁହାର ହୋଇଥିବା ଜଣାପଡିଛି।

# ଓଜେଇଇ-୨୦୨୬ ଫଳାଫଳ ପ୍ରକାଶିତ

ଭୁବନେଶ୍ୱର୮।୬(ମହାଭାରତ): ଆଜି (ସୋମବାର) ଓଡିଶା ମିଳିତ ପ୍ରବେଶିକା ପରୀକ୍ଷା (ଓଜେଇଇ)ର ଫଳାଫଳ ପ୍ରକାଶ ପାଇଛି।

ଆଜି ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ, ଓଡିଶା ସରକାରଙ୍କ ଶିକ୍ଷ ଓ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଫଳାଫଳ ପୁସ୍ତିକାର ଉନ୍‌ମୋଚନ କରିଛନ୍ତି।

୨୦୨୬-୨୭ ଶିକ୍ଷାବର୍ଷ ପାଇଁ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ପ୍ରଚଳିତ ୧୬ଟି ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମ ଯଥା B.CAT, LE-Tech. (Dip), LE-Tech. (B.Sc.), B. Pharm., MBA, MCA, Int. MBA, LE-Pharm., M.Pharm, M. Arch, M. Plan, M. Tech., Basic B.Sc Nursing, Post Basic B.Sc Nursing, M.Sc Nursing ଏବଂ Post Diploma Nursing ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା ମାଧ୍ୟମରେ ପ୍ରବେଶିକା ପରୀକ୍ଷା କରଯାଇଥିଲା। ଚଳିତ ବର୍ଷ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲା ଏବଂ ରାଜ୍ୟ ବାହାରେ ୩ଟି ସହର ଯଥା କଲିକତା, ପାଟଣା ଏବଂ ରାଞ୍ଚିରେ, ସର୍ବମୋଟ ୯୯ ଟି ପରୀକ୍ଷାକେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ଚଳିତ ବର୍ଷ ଶୁଭ୍ରାଂଶୁ ସୁତାର (B. Pharm), ଅରୁଣ କୁମାର ଜେନା (LE-Tech. (Dip), ସୁରଜ କୁମାର ଝା (LE-Tech. (B.Sc.), ଦେବାଶିଷ ବେହେରା (LE-Pharma), ତ୍ରିବିକ୍ରମ ପ୍ରଧାନ (MBA), ନରେନ ପାତ୍ର (MCA / M.Sc. (Comp. Sc.), ଶ୍ରୀମୟୀ ପାଣିଗ୍ରାହୀ (INT. MBA), ଦେବ ମଣ୍ଡଳ (B. CAT-ସିନେମାଟୋଗ୍ରାଫି ଆଣ୍ଡ ସାଉଣ୍ଡ ରେକର୍ଡିଂ ଆଣ୍ଡ ସାଉଣ୍ଡ ଡିଜାଇନ/ଫିଲ୍ମ ଏଡିଟିଂ), ଶ୍ୟାମସୁନ୍ଦର ବେହେରା (M. PHARM), ସାଇ ଆର୍ଯ୍ୟା ଅନୁଷ୍କା ନାୟକ (ଗ. ଇଜଉଐ), ସାଗରିକା ଆଚାର୍ଯ୍ୟ(M. PLAN)ରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ସେହିପରି, ସ୍ୱାଗତ କୁମାର ବେହୁରା ଗ.ଞରମଷ. ପାଠ୍ୟକ୍ରମରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି।

ଏବର୍ଷ ମୋଟ୍ ୧,୦୩,୪୩୪ ଜଣ ପରୀକ୍ଷାର୍ଥୀ ପଞ୍ଜୀକୃତ ହୋଇଥିବା ବେଳେ ୯୨,୬୨୮ ପରୀକ୍ଷାର୍ଥୀ (୮୯.୫୫%) ପରୀକ୍ଷାରେ ଭାଗ ନେଇଥିଲେ। ନର୍ସିଂ ପାଠ୍ୟକ୍ରମ ବ୍ୟତୀତ, ଅନ୍ୟାନ୍ୟ ପାଠ୍ୟକ୍ରମ ମଧ୍ୟରୁ ୬୨,୬୯୧ ପରୀକ୍ଷାର୍ଥୀଙ୍କୁ ନିଜ ନିଜର ପ୍ରଦର୍ଶନ ଅନୁଯାୟୀ ସେମାନଙ୍କ ଅନୁରୂପ ପାଠ୍ୟକ୍ରମରେ ସ୍ଥାନ ଦିଆଯାଇଛି। ପରୀକ୍ଷାର୍ଥୀମାନେ OJEE website (www.ojee.nic.in) ରୁ ନିଜ ନିଜର ର୍‍ୟାଙ୍କ କାର୍ଡ ପାଇପାରିବେ।କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର-ତଥା-ସଚିବ ଶ୍ରୀଯୁକ୍ତ ଭୂପେନ୍ଦ୍ର ସିଂ ପୁନିଆ, ଓଜେଇଇ ଚେୟାରମ୍ୟାନ ଦେବପ୍ରକାଶ ଶତପଥୀ, ଓଜେଇଇ ସେକ୍ରେଟାରୀ ରଞ୍ଜନ କୁମାର ଜେନା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ବିଶ୍ୱରଞ୍ଜନ ରଥ ପ୍ରମୁଖ ସାମିଲ ହୋଇଥିଲେ।

## ଦୁବାଇରେ ବସ୍ ଦୁର୍ଘଟଣା: ୬ ଭାରତୀୟଙ୍କ ସମେତ ୮ ମୃତ

ନୂଆଦିଲ୍ଲୀ୮।୬(ମହାଭାରତ): : ଦୁବାଇର ଏମିରେଟ୍ସ ରୋଡ୍‌ରେ ଆଜି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଯାଇଛି। ମୃତକଙ୍କ ମଧ୍ୟରେ ୬ ଜଣ ଭାରତୀୟ ଅଛନ୍ତି। ଶ୍ରୀଲଙ୍କା ଓ ନେପାଳର ଅନ୍ୟ ୨ ନାଗରିକଙ୍କର ମଧ୍ୟ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତ ୬ ଭାରତୀୟଙ୍କ ମଧ୍ୟରୁ ୩ ଜଣ ହାଇଦ୍ରାବାଦର, ୨ ଜଣ ଉତ୍ତରପ୍ରଦେଶର ଓ ଜଣେ ପଞ୍ଜାବର। ମିଳିଥିବା ସୂଚନା ଅନୁଯାୟୀ, ଦୁବାଇର ମୋଟିଭ୍ ଟେକ୍ନିକାଲ ସର୍ଭିସ କମ୍ପାନିର କର୍ମଚାରୀମାନଙ୍କୁ ନେଉଥିବା ଏକ ମିନି ବସ୍ ଆଜି ଏକ ଟ୍ରକ୍କୁ ପଛପଟୁ ଧକ୍କା ଦେବା ଫଳରେ ଏହି ଦୁଃଖଦ ଘଟଣା ଘଟିଛି। ଦୁବାଇ ପୁଲିସ କହିଛି ଯେ, ଏହି ଦୁର୍ଘଟଣାରେ ୮ ଜଣ ଆହତଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସେମାନଙ୍କ ମଧ୍ୟରେ ୨ ଜଣ ଭାରତୀୟ ଅଛନ୍ତି। ତେବେ ୫ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି।ୱ୍ୱ

## ମାଣ୍ଡିଆ ରସାବଳି

ଆବଶ୍ୟକ ସାମଗ୍ରୀ: ରାବିଡ଼ି ପାଇଁ ନିଅନ୍ତୁ ଗୋଟିଏ ଲିଟର କ୍ଷୀର, ମାଣ୍ଡିଆ ୩ ଚାମଚ, ସୁଜି ଗୋଟେ ଚାମଚ, ଚିନି ଗୋଟେ ଚାମଚ, ତିନୋଟି ଗୁଜୁରାତ

ପ୍ରସ୍ତୁତି ପ୍ରଣାଳୀ: ମାଣ୍ଡିଆ, ସୁଜି, ଚିନିକୁ ପକାଇ ମିଶାନ୍ତୁ। ଏବେ ଏଥିରେ ପାଣି ଦେଇ ଗୋଳାନ୍ତୁ । ଏବେ ସେଥିରେ ଗୁଜୁରାତି ୩ଟି ଗୁଣ୍ଡ କରି ପକାଇ ଦିଅନ୍ତୁ । ଏବେ ଏଥିରେ ଟିକେ ଲୁଣ ପକାଇ ମିଶାନ୍ତୁ ।

ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ। ଏବେ ଏଥିରେ ଦୁଇ ଚାମଚ ତେଲ ପକାଇବେ। ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଛୋଟ ଛୋଟ ପିଠା ଭଳି ପ୍ୟାନରେ ପକାଇବେ। ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଗୋଟେ ପ୍ଲେଟ ଉପରେ କାଢି ଦିଅନ୍ତୁ। ଏହା ଉପରେ ରାବିଡ଼ିକୁ ଢାଳି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମାଣ୍ଡିଆ ରସାବଳି ।



..... ପରଦା ଖବର ......

## ଖାଲିପାଦରେ ୩୫୫୦ ପାହାଚ ଚଢ଼ିଲେ ଜାହ୍ନବୀ

ସିନେମା ହଲରେ ମକ୍ତିଲାଭ କରିସାରିଛି ଅଭିନେତା ରାମ ଚରଣଙ୍କ ଅଭିନୀତ 'ପେଦ୍ଦି'। ତେଣେ ସିନେମାର ସଫଳତା ପାଇଁ ତିରୁପତିରେ ପହଞ୍ଚିଛନ୍ତି ନାୟିକା ଜାହ୍ନବୀ କପୁର। ସେ ଖାଲି ପାଦରେ ୩୫୫୦ ପାହାଚ ଚଢ଼ି ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଏହି ସମୟର ଭିଡିଓ ଏବେ ଭାଇରାଲ୍ ହୋଇଛି। ତେବେ ଜାହ୍ନବୀ ଯେବେ ବି ତିରୁପତି ବାଲାଜୀଙ୍କ ଦର୍ଶନ କରିବାକୁ ଯାଆନ୍ତି, ପ୍ରତିଥର ଖାଲି ପାଦରେ ଯାଇ ଆଶୀର୍ବାଦ ନିଅନ୍ତି।ଜୀବନର ପ୍ରତ୍ୟେକ ବଡ଼ କାମରେ ତିରୁପତି ଯାଇ ବାଲାଜୀଙ୍କ ଆଶୀର୍ବାଦ



ନିଅନ୍ତି ଜାହ୍ନବୀ। ଆଉ ଭିଆଇପିଙ୍କ ପାଇଁ ଉଦ୍ଦିଷ୍ଟ ଧାଡ଼ିରେ ନଯାଇ ସେ ପ୍ରତି ଥର ସାଧାରଣ ଲୋକଙ୍କ ପରି ଯାଇଥାନ୍ତି। ତାଙ୍କର ଏହି ଭକ୍ତି ପ୍ରଶଂସକମାନଙ୍କୁ ମାଆ ଶ୍ରୀଦେବୀଙ୍କ କଥା ସ୍ମରଣ କରାଇ ଦେଇଛି। କାହିଁକି ନା, ଶ୍ରୀଦେବୀ ବି ତାଙ୍କର ବିଶେଷ ଦିନମାନଙ୍କରେ ତିରୁପତିଙ୍କ ଦର୍ଶନ କରୁଥିଲେ। ତାଙ୍କର ଦ୍ୱିତୀୟ ତେଲୁଗୁ ଚଳଚ୍ଚିତ୍ର 'ପେଦ୍ଦି'ରେ ଜାହ୍ନବୀ ପ୍ରଥମ ଥର ରାମ ଚରଣଙ୍କ ସହ ପରଦାରେ ନଜର ଆସିଛନ୍ତି। ଏଥିରେ ସମୀକ୍ଷକ ତାଙ୍କ କାମକୁ ପ୍ରଶଂସା କରିଛନ୍ତି। ଫିଲ୍ମରେ ରାମ ଚରଣଙ୍କ ସହ ଥିବା ତାଙ୍କର ଏକ ଗୀତ ଦର୍ଶକଙ୍କୁ ଚର୍ଚ୍ଚାର ଖୋରାକ ଯୋଗାଇଛି।

## ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଖାଆନ୍ତୁ ସଜନା ଶାଗ

ମୋବାଇଲ କମ୍ପ୍ୟୁଟରର ଅତ୍ୟଧିକ ବ୍ୟବହାର କରିବା ଦ୍ୱାରା ଆଖି ଜନିତ ସମସ୍ୟା ଦେଖାଦେଇଥାଏ । ମୋବାଇଲ ଓ କମ୍ପ୍ୟୁଟରରୁ ବାହାରୁଥିବା ଆଲୋକ ଦୃଷ୍ଟି ଶକ୍ତିକୁ କମ୍ କରିଥାଏ । ହେଲେ କିଛି ଘରୋଇ ଉପଚାର ଦ୍ୱାରା ଆଖିର ଦୃଷ୍ଟିଶକ୍ତି ବଢିପାରିବ । ଆସନ୍ତୁ ଜାଣିବା ଏହି ଘରୋଇ ଉପଚାର ବିଷୟରେ

ସଜନା ଶାଗ: ବାଡି ବଗିଚାରେ ମିଳୁଥିବା ସଜନା ଶାଗ ଶରୀର ପାଇଁ ବେଶ ଉପକାରୀ । ଆଖିର ଦୃଷ୍ଟିଶକ୍ତି ବଢାଇବା ପାଇଁ ବେଶ ସହାୟକ ହୋଇଥାଏ ସଜନା ଶାଗ । ଶାଗରେ ପ୍ରଚୁର ପରିମାଣରେର ଆଇରନ ଥିବାରୁ ଆଖି ପାଇଁ ଏହା ଉପକାରୀ ।

ଗାଜର: ଗାଜରରେ ଭିଟାମିନ-ଏ ଥାଏ । ଏଣୁ ଏହାକୁ ପ୍ରତିଦିନ ଖାଇବା ଦ୍ୱାରା ବା ଜୁସ୍ ପିଇବା ଦ୍ୱାରା ଦୃଷ୍ଟିଶକ୍ତି ବଢେ ।

ଦେଶୀ ଘିଅ : ଆଖି ପାଇଁ ଦେଶୀ ଘିଅ ଖୁବ ଉପଯୋଗୀ । କାନ ପଟିରେ ଦେଶୀ ଘିଅ ହାଲକା ଭାବେ ପ୍ରତିଦିନ ୫-୧୦ ମିନିଟ ମସାଜ କଲେ ଆଖିର ଦୃଷ୍ଟିଶକ୍ତି ବଢିଥାଏ ।

ବାଦାମ: ପ୍ରତିଦିନ ରାତିରେ ୬-୭ଟି ବାଦାମ ପାଣିରେ ଭିଜାଇ ରଖନ୍ତୁ । ଏହାକୁ ସକାଳେ ଚୋପା ଛଡ଼େଇ ଖାଇଲେ ଆଖି ପାଇଁ ଭଲ ।

ଜିରା : ଜିରା ଓ ମିଶ୍ରୀକୁ ସମାନ ମାତ୍ରାରେ ଗୁଣ୍ଡ କରି ପ୍ରତିଦିନ ଏକ ଚାମଚ ଘିଅ ସହ ଖାଇଲେ ଆଖିର ଦୃଷ୍ଟିଶକ୍ତି ବଢାଇଥାଏ ।

ସୋରିଷ ତେଲ : ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ତଳି ପାଦରେ ସୋରିଷ ତେଲ ମାଲିସ କଲେ ଭଲ । ଏହା ମଧ୍ୟ ଆଖିର ଦୃଷ୍ଟି ଶକ୍ତି ବଢାଇବାରେ ସାହାଯ୍ୟ କରିବ ।

ଗ୍ରୀନଟି: ଦିନକୁ ୨ରୁ୩ କପ ଗ୍ରୀନ ଟି ପିଅନ୍ତୁ, ଆଖିକୁ ସୁସ୍ଥ ରଖନ୍ତୁ ।

## ଅଳେଇଚରେ ରହିଛି ଅନେକ ଔଷଧୀୟ ଗୁଣ

ରୋଷେଇ ଘରେ ମସଲା ଭାବରେ ବ୍ୟବହୃତ ହେଉଥିବା ଜିନିଷ ହେଉଛି ଅଳେଇଚ । କେବଳ ରୋଷେଇ ନୁହେଁ, ଶରୀରରେ ହେଉଥିବା ବିଭିନ୍ନ ରୋଗକୁ ବି ଅଳେଇଚ ଭଲ କରିଥାଏ । କାରଣ ଏଥିରେ ଔଷଧୀୟ ଗୁଣ ବି ଭରି ରହିଛି । ଆସନ୍ତୁ ଜାଣିବା ଅଳେଇଚ ଖାଇଲେ, ଶରୀରକୁ କେଉଁସବୁ ଲାଭ ମିଳିଥାଏ ।



■ ନିୟମିତ ଭାବରେ ଅଳେଇଚ ଖାଇବା ଦ୍ୱାରା ହାର୍ଟ ସୁସ୍ଥ ରହିଥାଏ। ଏଥି ସହିତ ବ୍ଲଡ ପ୍ରେସର ମଧ୍ୟ ନିୟନ୍ତ୍ରିତ ରହିଥାଏ।

■ କଳା ଅଳେଇଚ ଖାଇଲେ ପେଟରେ ଏସିଡର ମାତ୍ରା ନିୟନ୍ତ୍ରିତ ରହିଥାଏ। ଫଳରେ ଗ୍ୟାଷ୍ଟିକ ଓ ଅଲସର ପରି ସମସ୍ୟା ଦୂର ହୋଇଥାଏ।

■ ଶ୍ୱାସ ଜନିତ ସମସ୍ୟାକୁ ଥିଲେ ଅଳେଇଚ ଖାଆନ୍ତୁ । ଏହାଦ୍ୱାରା ଶ୍ୱାସ, କାଶ ସହିତ ଯକ୍ଷ୍ମାରୋଗର ଆଶଙ୍କା କମ୍ ହୋଇଥାଏ।

■ ଦାନ୍ତ ସଂକ୍ରମଣ, ଦାନ୍ତ ବିନ୍ଧିବା, ଦାନ୍ତରୁ ରକ୍ତ ବାହାରିବା ଓ ମାଢି ଦରଜ ହେବା ଭଳି ସମସ୍ୟା ଥିଲେ ଅଳେଇଚ ଖାଆନ୍ତୁ । ପାଟିରୁ ଗନ୍ଧ ବାହାରୁଥିଲେ ଅଳେଇଚ ଖାଇଲେ ଲାଭ ମିଳିଥାଏ ।

■ ଅଳେଇଚରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି । ତେଣୁ କେଶ ଝଡିବା ଓ ରୂପି ସମସ୍ୟାକୁ ଅଳେଇଚ ଦୂର କରିଥାଏ ।

■ ପ୍ରତିଦିନ କଳା ଅଳେଇଚ ଖାଇଲେ ପରିସ୍ରା ଜନିତ ରୋଗ ଭଲ ହୋଇଥାଏ ।

■ ଅଳେଇଚରେ ଜୀବାଣୁନାଶକ ଗୁଣ ରରହିଛି । ତେଣୁ କୁଣ୍ଡିଆ ରୋଗ ଓ ଆଲର୍ଜି ପରି ସଂକ୍ରମଣକୁ ଭଲ କରିବା ପାଇଁ ଅଳେଇଚ ଲାଭଦାୟକ ।

## କଟକର ଅଧୀଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀ............



କଟକର ଅଧୀଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' କଟକ ଚଣ୍ଡୀ । ତାଙ୍କୁ ନେଇ କଟକ ସହର ପରିଚିତ। ଏହି ସହରର ଶେଖ ବଜାରରେ ରହିଛି ମା'ଙ୍କର ଏହି ମନ୍ଦିର । ମା'ଙ୍କ ମନ୍ଦିର ର୍ନିମାଣ ପଛର କିମ୍ବଦନ୍ତୀ ଓ ମା' କିପରି ଅର୍ବିଭାବ ହୋଇଥିଲେ ଏହାକୁ ନେଇ ବିଭିନ୍ନ କାହାଣୀ ଶୁଣିବାକୁ ମିଳେ ।କିଏ କୁହନ୍ତି ମରହଟ୍ଟା ଶାସନ କାଳରେ ମା' ବାରବାଟୀ ଦୁର୍ଗ ମଧ୍ୟରେ ପୂଜା ପାଉଥିଲେ । ଶୋଡୋଶ ଶତାବ୍ଦୀରେ କଳାପାହାଡର ଆକ୍ରମଣ ବେଳେ ମା' ନିଜ ସ୍ଥାନରୁ ହଟି ଦୁର୍ଗର ଦକ୍ଷିଣ ପାଶ୍ୱର୍ରେ ରହିଥିଲେ । କିଛି ସ୍ଥାନୀୟ ଲୋକ କୁହନ୍ତି ବହୁ ବର୍ଷ ପୂର୍ବେ ବାରବାଟୀ ଦୁର୍ଗର ଜଙ୍ଗଲ ଅଞ୍ଚଳକୁ ଗାଈ ଚରାଇବାକୁ ଯାଉଥିଲେ ଶେଖ ବଜାର ଅଞ୍ଚଳର ଗଉଡ଼ ପୁଅ ମାନେ । ଦିନେ ଜଣେ ଗଉଡ଼ ଦୁର୍ଗ ଉପରେ ବସିଥିବା ବେଳେ ତାଙ୍କ ଶରୀରରେ ଏକ ଅପୂର୍ବ ଶୀହରଣ ଖେଳି ଯାଇଥିଲା । ସେଦିନ ରାତିରେ ଗଉଡ଼ ପୁଅକୁ ମା' ସ୍ୱପ୍ନରେ କହିଥିଲେ ସେହି ଦୁର୍ଗର ପଥର ତଳେ ମା' ରହିଛନ୍ତି । ସେ ଭକ୍ତ ଜଣକ ମନ୍ଦିର ପୂଜକକୁ ଜଣାଇଥିଲେ ଓ ପୂଜକ ଜଣକ ରାଜାଙ୍କୁ ଜଣାଇ ଥିଲେ । ସେତେବେଳର କନିକା ରାଜା ସେହି ଦୁର୍ଗରସ୍ଥାନ ଖୋଳାଇବାରୁ ମା' ଙ୍କ ମୁର୍ତ୍ତି ବାହାରିଥିଲା । ସେଠୁ ମା' ଗଉଡ଼ ମାନଙ୍କ ମୁଣ୍ଡରେ ବସି ଆସିଥିଲେ । ଆସୁଥିବା ସମୟରେ ମା'ଏବେକାର ଚଣ୍ଡୀ ଛକ ନିକଟରେ ଅଟକି ଯାଇଥିଲେ। ସେଠାରୁ ମା' ଙ୍କୁ ନେବାକୁ ଆଉ ସମ୍ଭବପର ହୋଇପାରିନଥିଲା ।ତେଣୁ ସେହି ଛକ ନିକଟରେ ଥିବା ବଉଳ ଗଛ ମୁଳରେ ମା'ଙ୍କ ମୁର୍ତ୍ତି ସ୍ଥାପନ ହେଲା ।ସେହିକାଳରୁ ମା' ଏହି ସ୍ଥାନରେ ପୂଜା ପାଇ ଆସୁଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ମା' ଙ୍କୁ ଦୁର୍ଗରୁ ଖୋଳାଯାଇ ବାହାର କରିବା ପୁର୍ବରୁ ସେହି ସ୍ଥାନରୁ ପ୍ରାୟ ୪୨ ବସ୍ତା ନାଲି ସିନ୍ଦୁର ବାହାରିଥିଲା । ଏହି ମନ୍ଦିରକୁ ପ୍ରତ୍ୟେକ ଦିନ ଅନେକ ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି । ଦୁର୍ଗାପୂଜା ସମୟରେ ମା' ଙ୍କ ଷୋହଳ ଦିନାତ୍ମକ ପୂଜା ଓ ଶୋଡ଼ଶ ବେଶ ଏହି ମନ୍ଦିରର ଏକ ବିଶେଷତା ଅଟେ ।

## ଭୋଜନ ଆରମ୍ଭରେ ରାଗ, ଶେଷରେ ମିଠା ଖାଇବାର ଫାଇଦା

ପ୍ରାଚୀନକାଳରେ ଲୋକମାନେ ଖାଦ୍ୟ ଖାଇବା ପରେ ନିଶ୍ଚିତ ମିଠା ଖାଇଥାନ୍ତି । ହିନ୍ଦୁ ଶାସ୍ତ୍ର ଏବଂ ଆୟୁର୍ବେଦ ଶାସ୍ତ୍ରରେ ମଧ୍ୟ ଏହାର ଉଲ୍ଲେଖ ରହିଛି । ମିଠା ଖାଇବା ବିଷୟରେ ତ ଆପଣମାନେ ଜାଣିଥିବେ କିନ୍ତୁ ଖୁବ୍ କମ ଲୋକ ଜାଣିଥିବେ ଖାଇବା ପୂର୍ବରୁ ରାଗ



କାହିଁକି ଖିଆଯାଏ । ତେବେ ଜାଣନ୍ତୁ କ'ଣ ରହିଛି ଏହାର କାରଣ ।

ରାଗ ଖାଇବାର କାରଣ : ଖାଇବା ପୂର୍ବରୁ ରାଗ ଖାଇବା ଦ୍ୱାରା ପାଚନ ତନ୍ତ୍ର ସକ୍ରିୟ ହୋଇଥାଏ । ବିଶେଷଜ୍ଞଙ୍କ ଅନୁଯାୟୀ ଯେତେବେଳେ ଆପଣ ଚରଖା ଖାଇଥାନ୍ତି ଏହା ଆପଣଙ୍କ ଶରୀରରେ ପାଚକ ରସ ଏବଂ ଏସିଡି ଜାରି କରିଥାଏ, ଯାହା ପାଚନ ପ୍ରକ୍ରିୟା ବୃଦ୍ଧି କରିଥାଏ । ଏହାଦ୍ୱାରା ଆପଣଙ୍କ ଶରୀରରେ ପାଚନ ପ୍ରକ୍ରିୟା ସଠିକ୍ ରୂପେ କାମ କରିଥାଏ । ଆୟୁର୍ବେଦ ଅନୁଯାୟୀ ଖାଇବା ଆରମ୍ଭରେ ରାଗ ଖାଇବା ଦ୍ୱାରା ଭୋଜନ ଶେଷ ହେବା ପରେ ପେଟରେ ପାଚନ ତତ୍ତ୍ୱ ତଥା ଅମ୍ଳ ସକ୍ରିୟ ହୋଇଥାଏ ।

ମିଠା ଖାଇବାର କାରଣ : ମିଠାରେ କାର୍ବୋହାଇଡ୍ରେଡ ରହିଥାଏ, ଯାହା ପାଚନ ପ୍ରିକ୍ରିୟାକୁ କମାଇଦେଇଥାଏ । ଏହି କାରଣରୁ ଖାଇବା ପରେ ମିଠା ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ଠିକ୍ ହୋଇଥାଏ ।

ମିଠା ଖାଇବା ଦ୍ୱାରା ସେରୋଟୋନିନ ନାମକ ହର୍ମୋନର ସ୍ତର ବଢିଥାଏ । ଏହା ନ୍ୟୁରୋଟ୍ରାନ୍ସମିଟରର କାମ କରିଥାଏ, ଯାହା ଦ୍ୱାରା ମିଠା ଖାଇବାା ପରେ ଆପଣଙ୍କୁ ଖୁସି ଅନୁଭବ ହୋଇଥାଏ । ବାସ୍ତବରେ ମିଠା ସେବନ କରିବା ଦ୍ୱାରା ଏମିନୋ ଏସିଡ୍ ଟ୍ରିପ୍ଟୋଫେନର ଅବଶୋଷଣକୁ ବଢାଇଥାଏ ।



# ପୋଲିସ କର୍ମଚାରୀଙ୍କ ସାହସ, ସମର୍ପଣ ଏବଂ ସମାଜ ପ୍ରତି ଦାୟିତ୍ୱବୋଧ ଅମୂଲ୍ୟ

ଭୁବନେଶ୍ୱର, ୮।୬ (ମହାଭାରତ): ପୁରୀର ତାଳବଣିଆ ଠାରେ ଏକ ଅତ୍ୟାଧୁନିକ ନୂତନ ଥାନା ଗୃହ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ନବନିର୍ମିତ ପୋଲିସ ଭିତିଭୂମିର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଏହାସହିତ ଆଭାସୀ ମାଧ୍ୟମରେ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁସ୍ଥିତ ଏସଡିପିଓ କାର୍ଯ୍ୟାଳୟ, ଯାଜପୁରର ବ୍ରହ୍ମବରଦା ଥାନା, ତୃତୀୟ ବାଟାଲିୟନ କୋରାପୁଟର ପ୍ରଶାସନିକ ଭବନ ଓ ଅସ୍ତ୍ରାଗାର ଗୃହ ସମେତ ଭୁବନେଶ୍ୱର, କଟକ ଓ ଯାଜପୁରରେ ସର୍ବମୋଟ ୬୫୮ଟି (ଡି,ଇ,ଏଫ୍ ଟାଇପ୍ ) ପୋଲିସ ଆବାସିକ ଗୃହର ମଧ୍ୟ ଲୋକାର୍ପଣ କରାଯାଇଛି। ରାଜ୍ୟରେ ଆଇନଶୃଙ୍ଖଳା, ସୁରକ୍ଷା ଏବଂ ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସରକାର ଅହରହ ଉଦ୍ୟମ ଜାରି ରଖିଛନ୍ତି ବୋଲି ତାଳବଣିଆଠାରେ ପୋଲିସ ଷ୍ଟେସନ ଉଦଘାଟନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଦ୍ୱାରା ପ୍ରାୟ ୧୯୫ କୋଟି ଟଙ୍କା ବିନିଯୋଗରେ ନିର୍ମିତ ଏହି ଯୋଜନାକୁ ବାସ୍ତବ ରୂପ ଦେଇଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେକୌଣସି ବି ପ୍ରଗତିଶୀଳ ଏବଂ ସମୃଦ୍ଧ ସମାଜର ମୂଳଦୁଆ ହେଉଛି ଏକ ସୁଦୃଢ଼ ଆଇନ ଶୃଙ୍ଖଳା ଏବଂ ଭୟମୁକ୍ତ ପରିବେଶ। ଓଡ଼ିଶାକୁ ଦେଶର ଏକ ଶାନ୍ତିପୂର୍ଣ୍ଣ ଏବଂ ଅଗ୍ରଗାମୀ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ଆମ ପୋଲିସ ବାହିନୀର ସଶକ୍ତୀକରଣ, ଆଧୁନିକୀକରଣ ଏବଂ ଉପଯୁକ୍ତ ଭିତିଭୂମିର ବିକାଶ ଅତ୍ୟନ୍ତ ଅପରିହାର୍ଯ୍ୟ।ପୋଲିସ କର୍ମଚାରୀଙ୍କ କଲ୍ୟାଣ ପ୍ରତି ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରି ସେ କହିଛନ୍ତି ଯେ ଜନସାଧାରଣଙ୍କ ସୁରକ୍ଷା ଏବଂ ସେମାନଙ୍କ ଉତମ ସେବା ପ୍ରଦାନ କରିବାରେ ପୋଲିସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପୋଲିସ କର୍ମୀମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ଆମ ସରକାର ସର୍ବଦା ପ୍ରତିଶୃତିବଦ୍ଧ। ଏହି ପରିପ୍ରେକ୍ଷୀରେ ସେ ଆଜି କହିଥିଲେ ଯେ, ଆମେ ଆମ ରାଜ୍ୟର ଆଇନ ଶୃଙ୍ଖଳା, ସୁରକ୍ଷା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ କଲ୍ୟାଣକୁ ସୁନିଶ୍ଚିତ କରିବା ପାଇଁ ଅହରହ ଉଦ୍ୟମ ଜାରି ରଖିଛୁ। ସରକାରଙ୍କ ଭିତିଭୂମି ବିକାଶ ଯୋଜନାକୁ ନେଇ ଆଶା ପ୍ରକାଶ କରି ସେ କହିଛନ୍ତି, ଯେ ଆମ ସରକାର ପୋଲିସ ଭିତିଭୂମିରେ ଉନ୍ନତି ଆଣିବା ସହିତ ଆଇନର ଶାସନ ପ୍ରତିଷ୍ଠା ପାଇଁ ସର୍ବଦା ତତ୍ପର । ଏହାର ପ୍ରମାଣ ସ୍ୱରୂପ ଆଜି ବ୍ରହ୍ମବରଦା ଓ ତାଳବଣିଆ ଠାରେ ଅତ୍ୟାଧୁନିକ ଥାନାଗୃହକୁ ଲୋକାର୍ପିତ କରାଯାଇଛି। ଏହି ନୂଆ ଥାନା ପୋଲିସ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ତଥା ଜନସାଧାରଣଙ୍କୁ ଉନ୍ନ?ତ ଓ ତ୍ୱରିତ ସେବା ପ୍ରଦାନ କରିବାରେ ସକ୍ଷମ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ପୋଲିସ ବାହିନୀର ନିଷ୍ଠାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ , ଆମକୁ ସୁରକ୍ଷା ଦେବା ପାଇଁ ଆମର ପୋଲିସ ଅଧିକାରୀମାନେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। ସେମାନଙ୍କର ସାହସ, ସମର୍ପଣ ମନୋଭାବ ଏବଂ ସମାଜ ପ୍ରତି ଦାୟିତ୍ୱବୋଧତା ସବୁବେଳେ ଅମୂଲ୍ୟ। ସେମାନଙ୍କର କାର୍ଯ୍ୟଦକ୍ଷତାକୁ ଆହୁରି ପ୍ରଭାବଶାଳୀ କରିବା ପାଇଁ ଆବଶ୍ୟକ ସମ୍ବଳ, ତାଲିମ ଏବଂ ଅତ୍ୟାଧୁନିକ ଭିତିଭୂମି ପ୍ରଦାନ କରାଯାଉଛି। ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ଏହି ନୂତନ ପୋଲିସ ଷ୍ଟେସନ୍ ସେମାନଙ୍କୁ କାର୍ଯ୍ୟ କରିବା ପାଇଁ ଏକ ସୁନ୍ଦର ଓ ଅନୁକୂଳ ପରିବେଶ ଯୋଗାଇବ।



ଏହି ନବନିର୍ମିତ ଥାନା ଗୁଡ଼ିକରେ ସାଧାରଣ ଲୋକଙ୍କ ସୁବିଧା ପାଇଁ ଅନେକ ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ଥାନାଗୁଡ଼ିକରେ ଭିନ୍ନକ୍ଷମଙ୍କ ପାଇଁ ରାମ୍ପ୍ ବ୍ୟବସ୍ଥା, ବାରାକ୍, ସମ୍ମିଳନୀ କୋଠରୀ, ସନ୍ଦିଗ୍ଧ ଓ ସାକ୍ଷୀ ପରୀକ୍ଷା କୋଠରୀ, ୱ୍ୟାରଲେସ୍ ସୂଚନା କେନ୍ଦ୍ର, ସ୍ୱତନ୍ତ୍ର ସ୍ୱାଗତ କକ୍ଷ ଏବଂ ମହିଳା ଓ ଶିଶୁ ସହାୟତା କେନ୍ଦ୍ର ସହ ୨୪ ଘଂଟିଆ ସିସିଟିଭିର ସୁବିଧା ରହିଛି। ନ୍ୟାୟପୂର୍ଣ୍ଣ ସାମାଜିକ ବ୍ୟବସ୍ଥା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଇନ ଓ ନ୍ୟାୟ ବ୍ୟବସ୍ଥାକୁ ବଜାୟ ରଖିବା ପାଇଁ ପୋଲିସ ବିଭାଗ ସର୍ବଦା ସଚେତନ ଓ ସକ୍ରିୟ। ଏକ ନ୍ୟାୟପୂର୍ଣ୍ଣ ବ୍ୟବସ୍ଥାରେ ଦୋଷୀମାନେ ଦଣ୍ଡିତ ହେବା ଆବଶ୍ୟକ ଏବଂ ନିରପରାଧ ଲୋକମାନେ ବିନା ଭୟରେ ନିଜର ଦୈନନ୍ଦିନ ଜୀବନ ଅତିବାହିତ କରିବା ଆବଶ୍ୟକ। ଯେତେବେଳେ ସାଧାରଣ ଲୋକଙ୍କ ମନରେ ଏହି ବିଶ୍ୱାସ ଆସିବ, ସେତେବେଳେ ହିଁ ସାମାଜିକ ବ୍ୟବସ୍ଥା ପ୍ରକୃତରେ ସୁରକ୍ଷିତ ବୋଲି ଆମେ କହିପାରିବା। ଏଥିରେ ରାଜ୍ୟ ପୋଲିସର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ପୋଲିସ ବାହିନୀକୁ ଜନ-ଅଭିମୁଖୀ ହେବାକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୋଲିସ ମାନେ ସାଧାରଣ ଲୋକଙ୍କ ପାଇଁ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରନ୍ତୁ ଏବଂ ଅପରାଧୀଙ୍କ ପ୍ରତି କଠୋର ହୁଅନ୍ତୁ। ଆଇନ ଅନୁଯାୟୀ ପ୍ରକ୍ରିୟା ସମ୍ପାଦନ କରିବା ହେଉଛି ଆପଣମାନଙ୍କର ଦାୟିତ୍ୱ ଓ କର୍ତବ୍ୟ। ରାଜ୍ୟ ପୋଲିସର ସଫଳତା ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ରାଜ୍ୟ ପୋଲିସ ନକ୍ସଲ ଦମନ, ଶାନ୍ତି-ଶୃଙ୍ଖଳା ରକ୍ଷା ଏବଂ ନିଶାଦ୍ରବ୍ୟ କାରବାର ରୋକିବାରେ ପ୍ରଶଂସନୀୟ କାର୍ଯ୍ୟ କରୁଛି। ରାଜ୍ୟରେ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି ପାଇବା ଏକ ସନ୍ତୋଷଜନକ ବିଷୟ। ବିଶେଷ କରି ନୂତନ 'ଭାରତୀୟ ନ୍ୟାୟ ସଂହିତା' କାର୍ଯ୍ୟକାରୀ ହେବା ପରଠାରୁ ଗତ ବର୍ଷ ଡିସେମ୍ବର ସୁଦ୍ଧା ଏହି ହାର ୮୭.୬ ପ୍ରତିଶତକୁ ବୃଦ୍ଧି ପାଇଛି। ଏଥିସହ ସେ ଚେତାବନୀ ଦେଇ କହିଛନ୍ତି, ଯେ କିଛି ଛୋଟ ଛୋଟ ଘଟଣା ପୋଲିସର ସାମଗ୍ରିକ ଭାବମୂର୍ତି ଉପରେ ଆଂଚ ଆଣୁଛି। ସେଥିପାଇଁ ଆମ ପୋଲିସ ବାହିନୀକୁ ଆହୁରି ସତର୍କ ଓ ସଂବେଦନଶୀଳ ହେବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କ ଉପଯୁକ୍ତ ତାଲିମ ଉପରେ ସରକାର ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି।

## ଆରମ୍ଭ ହେବ ଶ୍ରୀ ଜଗନ୍ନାଥ ମନ୍ଦିର ଇ-ହୁଣ୍ଡି ବ୍ୟବସ୍ଥା

ଭୁବନେଶ୍ୱର, ୮।୬ (ମହାଭାରତ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଛନ୍ତି ଓ ମହାପ୍ରଭୁଙ୍କ କରୁଣାରୁ ଅନେକଙ୍କ ମନସ୍କାମନା ପୂରଣ ହୋଇ ଆସୁଛି । ନିଜ ମନୋବାଞ୍ଛା, ଖୁସି ଏବଂ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆସୁଥିବା ଭକ୍ତ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥ ଦାନ କରିବାର ପରମ୍ପରା କାହିଁ କେଉଁ କାଳରୁ ରହିଆସିଛି । ତେବେ ରାଜ୍ୟ ବାହାରେ ତଥା ବିଦେଶରେ ରହୁଥିବା ଶ୍ରଦ୍ଧାଳୁଙ୍କ ଲାଗି ଅନଲାଇନ ମାଧ୍ୟମରେ ହୁଣ୍ଡିରେ ଦାନ ଦେବା ବ୍ୟବସ୍ଥା ପାଇଁ ଅନେକ ଭକ୍ତ ଇଚ୍ଛା କରି ଆସୁଥିଲେ । ଏହି କ୍ରମରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଇ-ହୁଣ୍ଡି ବ୍ୟବସ୍ଥା କାର୍ଯ୍ୟକାରୀ ନିମନ୍ତେ ଉଚ୍ଚ ସ୍ତରୀୟ ବୈଠକ ଲୋକସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଆଇନ ବିଭାଗ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଇ-ହୁଣ୍ଡି ବ୍ୟବସ୍ଥାର ସଫଳ କାର୍ଯ୍ୟକାରୀ ନିମନ୍ତେ ଆଲୋଚନା ହୋଇଥିଲା । ଯେଉଁଥିରେ ଭକ୍ତ ତଥା ଶ୍ରଦ୍ଧାଳୁ ନିଜ ଜନ୍ମଦିନ, ବିବାହ ବାର୍ଷିକୀ ତଥା ନିଜର ମନସ୍କାମନା ପୂରଣ ଖୁସିରେ କିଭଳି ଭାବେ ଅନଲାଇନ ମାଧ୍ୟମରେ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥରାଶି ଦାନ କରିପାରିବେ ସେଥିନେଇ ଆଲୋଚନା ହୋଇଥିଲା । ଦାନ ଅର୍ଥରାଶି ପାଇଁ ଆୟକର ଛାଡ଼ ବ୍ୟବସ୍ଥା ରହିବାକୁ ଥିବା ବେଳେ ଭକ୍ତଙ୍କ ଠାରୁ ଦାନ ସୂତ୍ରରେ ଆସିବାକୁ ଥିବା ଅର୍ଥ କେବଳ ଶ୍ରୀମନ୍ଦିର ବିକାଶ ଦିଗରେ ଖର୍ଚ୍ଚ ହେବ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ଲକ୍ଷ ଲକ୍ଷ ଜଗନ୍ନାଥ ଭକ୍ତ ଶ୍ରୀମନ୍ଦିର ହୁଣ୍ଡିକୁ ସହଜରେ ଅର୍ଥରାଶି ପଠାଇ ପାରିବେ ଓ ତେବେ ଏହି ବ୍ୟବସ୍ଥାରୁ ସାଇବର ଅପରାଧୀ ଯେପରି ଫାଇଦା ଉଠାଇ ନ ପାରିବେ ସେଥିଲାଗି ବିହିତ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ ।



## ଖୁବଶୀଘ୍ର ଭୁବନେଶ୍ୱର-ଜୟପୁର ବିମାନସେବା

ଭୁବନେଶ୍ୱର, ୮।୬ (ମହାଭାରତ): ଖୁବଶୀଘ୍ର ଭୁବନେଶ୍ୱର-ଜୟପୁର ବିମାନସେବା। ଏଥିସହିତ ଭୁବନେଶ୍ୱର ବିମାନ ବନ୍ଦର ତୃତୀୟ ଏୟାର ଟର୍ମିନାଲ କୁ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ କରାଯିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଙ୍କ ସହିତ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ର ସର୍ବାଙ୍ଗୀନ ଉନ୍ନତି ପାଇଁ ବିମାନବନ୍ଦର ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକ ଲୋକସଭା ସାଂସଦ ତଥା ଏଏସି ଅଧକ୍ଷା ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ବୁଧବାର ଅପରାହ୍ନ ରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱରର ଇଣ୍ଟିଗ୍ରେଟେଡ୍ ଅଫିସ୍ କମ୍ପ୍ଲେକ୍ସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯାତ୍ରୀ ସନ୍ତୁଷ୍ଟି, ବିମାନ ଏବଂ ଯାତ୍ରୀ ଚଳାଚଳର ଅଭିବୃଦ୍ଧି ସହ ଭବିଷ୍ୟତ ପ୍ରକଳ୍ପନା ସମ୍ବନ୍ଧୀୟ ବି.ପି.ଆଇ. ବିମାନବନ୍ଦରର ସଫଳତାଗୁଡ଼ିକ କମିଟି ସମ୍ମୁଖରେ ଉପସ୍ଥାପିତ କରାଯାଇଥିଲା। ଏହା ସହିତ ଗତ ଏକ ବର୍ଷ ମଧ୍ୟରେ ପ୍ରାପ୍ତ ପୁରସ୍କାର ଏବଂ ସଫଳତାର ସହିତ ପରିଚାଳିତ କାର୍ଯ୍ୟକ୍ରମଗୁଡ଼ିକର ବିବରଣୀ ମଧ୍ୟ ଦିଆଯାଇଥିଲା।ଏହି ଉପସ୍ଥାପନା ପରେ କମିଟି ସଦସ୍ୟ ଏବଂ ଅନ୍ୟାନ୍ୟ ହିତାଧିକାରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରସ୍ତାବ ଦିଆଯାଇଥିଲା। ଯାହା ମଧ୍ୟରେ ପ୍ରମୁଖ ପ୍ରସ୍ତାବ ରହିଥିଲା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ନିୟମିତ ଭାବରେ ବିମାନବନ୍ଦର ର ପରିଚୟ କାର୍ଯ୍ୟକ୍ରମର ବ୍ୟବସ୍ଥା।ଯେଉଁଥିରେ ଗ୍ରାମାଞ୍ଚଳ ର ଛାତ୍ରଛାତ୍ରୀ ମାନଙ୍କୁ ବିଶେଷ ଗୁରୁତ୍ୱ ଦିଆଯିବ। ଏଥିସହିତ ଏରୋବ୍ରିଜ୍ ଗୁଡ଼ିକର ସଂଖ୍ୟା ବୃଦ୍ଧି ଏବଂ ସେଗୁଡ଼ିକର ଦକ୍ଷ ଓ ପ୍ରଭାବଶାଳୀ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା।ଏୟାର ହୋଷ୍ଟେସ୍ ହେବାକୁ ଇଚ୍ଛୁକ ପ୍ରାର୍ଥୀମାନଙ୍କ ପାଇଁ ପରିଚୟ ଓ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହିତ ଜୟପୁର, ସୁରତ, ଶିର୍ଡି, ତିରୁପତି ଏବଂ ଭୋପାଳକୁ ନୂତନ ବିମାନ ସଂଯୋଗ ଆରମ୍ଭ କରିବା ନେଇ ଆଲୋଚନା କରାଯାଇଥିଲା। ନଡ଼ିଆ ଗଛ, ୱାଟକୋ ଜଳ ଟାଙ୍କି, ବ୍ୟକ୍ତିଗତ ଭବନ ଉପରେ ଥିବା ମୋବାଇଲ୍ ଟାୱାର ଆଦି ଯୋଗୁଁ ସୃଷ୍ଟ ବାଧାବିଘ୍ନ ସମ୍ପର୍କିତ ସୁରକ୍ଷା ପ୍ରସଙ୍ଗରେ ବିଏମସି , ବିଡିଏ ଏବଂ ଓୟୁଏଟି ସହ ସମନ୍ୱୟର ଆବଶ୍ୟକତା କୁ ନେଇ ବୈଠକରେ ସମସ୍ତେ ମତ ପ୍ରକାଶ କରିଥିଲେ। ବିମାନବନ୍ଦର ଟର୍ମିନାଲ ଭିତରେ ଏକ ପୁସ୍ତକ ଦୋକାନ ସ୍ଥାପନର ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରିବା ସହିତ ଯଥାଶୀଘ୍ର ଏହା କରାଯିବ ବୋଲି କହିଥିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ପ୍ରତ୍ୟେକ ୬ମାସ ବ୍ୟବଧାନ ରେ ବିମାନ ବନ୍ଦର ପରାମର୍ଶ ଦାତା ବୈଠକ ଅନୁଷ୍ଠିତ କରାଇବାକୁ ସାଂସଦ ପରାମର୍ଶ ଦେଇଥିଲେ। ବୈଠକରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରର ନିର୍ଦ୍ଦେଶକ ଶ୍ରୀ ପ୍ରସନ୍ନ ପ୍ରଧାନ, ଭୁବନେଶ୍ୱର ଡିସିପି ଶ୍ରୀ ଜଗମୋହନ ମୀନା, ଆଇପିକୋଲ୍‌ର ନିର୍ଦ୍ଦେଶିକା ଶ୍ରୀମତୀ ଅବୋଲି ସୁନିଲ ନରଭାଣେ, ବିଏମସିର ଅତିରିକ୍ତ ଉପ-କମିଶନର, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ , ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ, ଆକାଶା ଏୟାରଲାଇନ୍ସର ବିମାନବନ୍ଦର ପ୍ରବନ୍ଧକ, ଇଣ୍ଡିଗୋ ଏୟାରଲାଇନ୍ସର ବିମାନବନ୍ଦର ପ୍ରବନ୍ଧକ, ଏୟାର ଇଣ୍ଡିଆର ଷ୍ଟେସନ୍ ମ୍ୟାନେଜର, ଏୟାର ଇଣ୍ଡିଆ ଏକ୍ସପ୍ରେସର ଷ୍ଟେସନ୍ ମ୍ୟାନେଜର, ଇଣ୍ଡିଆ ଓନ୍ ଏୟାରର ଷ୍ଟେସନ୍ ମ୍ୟାନେଜର ଉପସ୍ଥିତ ଥିଲେ।




## ବାସୁଆଘାଇରେ ଅର୍ବାନ୍ ଏକାଡେମୀ ହଷ୍ଟେଲ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୮।୬ (ମହାଭାରତ): ଭୁବନେଶ୍ୱରର ବାସୁଆଘାଇଠାରେ ନବନିର୍ମିତ ଓଡ଼ିଶା ଅର୍ବାନ୍ ଏକାଡେମୀର ନବନିର୍ମିତ ହଷ୍ଟେଲ୍ ଗୃହକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ବାବୁ ସିଂ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, 'ୱାଟକୋ' ର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସମାରୋହରେ ଓଡ଼ିଶା ଅର୍ବାନ୍ ଏକାଡେମୀର ବାର୍ଷିକ ପ୍ରଶିକ୍ଷଣ କ୍ୟାଲେଣ୍ଡର ମଧ୍ୟ ଉନ୍ମୋଚିତ ହୋଇଛି

୯.୪୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଓଡ଼ିଶା ଅର୍ବାନ୍ ଏକାଡେମୀ ହଷ୍ଟେଲ୍ କୁ ଏକ ସ୍ୱତନ୍ତ୍ର ଆବାସିକ ସୁବିଧା ଭାବେ ବିକଶିତ କରାଯାଇଛି। ଏହା ଏକାଡେମୀ ଦ୍ୱାରା ଆୟୋଜିତ ବିଭିନ୍ନ ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ, ଗବେଷଣା ଏବଂ ଜ୍ଞାନ ଆଦାନପ୍ରଦାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ପ୍ରଶିକ୍ଷକ, ପ୍ରଶିକ୍ଷାର୍ଥୀ, ସହରାଞ୍ଚଳ ବିଶେଷଜ୍ଞ, ନିର୍ବାଚିତ ପ୍ରତିନିଧି ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ସହାୟତା ପ୍ରଦାନ କରିବ।

ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏକ ଆରାମଦାୟକ, କାର୍ଯ୍ୟୋପଯୋଗୀ ଏବଂ ଶିକ୍ଷା-ଅନୁକୂଳ ପରିବେଶ ଯୋଗାଇଦେବାକୁ ଦୃଷ୍ଟିରେ ରଖି ଏହି ହଷ୍ଟେଲ୍ ନିର୍ମାଣ କରାଯାଇଛି। ଏଠାରେ ୨୮ଟି ଟ୍ୱିନ୍-ସେୟାରିଂ (ଦୁଇ ଜଣିଆ) ରୁମ୍ ଜରିଆରେ ମୋଟ ୫୬ ଜଣ ଅନ୍ତେବାସୀ ରହିପାରିବେ। ଏଥିମଧ୍ୟରେ ୨୪ଟି ଷ୍ଟାଣ୍ଡାର୍ଡ ରୁମ୍ ଏବଂ ୪ଟି ପ୍ରିମିୟମ୍ ରୁମ୍ ରହିଛି, ଯେଉଁଥିରେ ଆଟାଚ୍‌ଡ୍ ଶୌଚାଳୟ ଏବଂ ବାଲକୋନି ରହିଛି। ଏହାଛଡ଼ା ଏହି ବିଲ୍ଡିଂରେ ରିସେପ୍ସନ ଓ ପ୍ରଶାସନିକ କ୍ଷେତ୍ର, ୪୦ ଜଣ ବସିବା ଭଳି କ୍ଷମତା ସମ୍ପନ୍ନ ଡାଇନିଂ ହଲ୍, ମଡ୍ୟୁଲାର୍ କିଚେନ୍, ଗେଷ୍ଟ ରୁମ୍, କମନ୍ ୟୁଟିଲିଟି ସ୍ପେସ୍, ପ୍ରଶସ୍ତ ଲବି ଏବଂ ସାମାଜିକ ଆଲୋଚନା ପାଇଁ ସ୍ୱତନ୍ତ୍ର ସ୍ଥାନ ରହିଛି।

ଉଚ୍ଚମାନର ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ କର୍ମଶାଳା ପରିଚାଳନା ପାଇଁ ଏହି ହଷ୍ଟେଲ୍ ପରିସରରେ ଏକ ସମସ୍ତ ସୁବିଧା ସୁଯୋଗ ଥିବା କନଫରେନ୍ସ ହଲ୍ ସହ ଏକ ବ୍ୟାୟାମଶାଳା ଏବଂ ଇନଡୋର ମନୋରଞ୍ଜନ ବ୍ୟବସ୍ଥା କରାଯାଇଛି ।ଏହି ସେଲଫ୍-ସଷ୍ଟେନଡ୍ ବିଲ୍ଡିଂରେ କେନ୍ଦ୍ରୀୟ ଏୟାର-କଣ୍ଡିସନିଂ , ନିରବଚ୍ଛିନ୍ନ ବିଦ୍ୟୁତ ସେବା, ୨୪ ଘଣ୍ଟିଆ ଜଳ ଯୋଗାଣ, ଲିଫ୍ଟ ସୁବିଧା ଏବଂ ପରିବେଶ ଅନୁକୂଳ ତଥା ଶକ୍ତି-ଦକ୍ଷ ପରିଚାଳନା ପାଇଁ ଏକ ସୌର ଶକ୍ତି ପ୍ରଣାଳୀ ଭଳି ଅନେକ ଆଧୁନିକ ସୁବିଧା ଏବଂ ସ୍ଥାୟୀ ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ କରାଯାଇଛି।

ଏହି ସମାବେଶକୁ ସମ୍ବୋଧିତ କରି ମନ୍ତ୍ରୀ ଡକ୍ଟର ମହାପାତ୍ର କହିଥିଲେ ଯେ ପ୍ରଶିକ୍ଷାର୍ଥୀମାନେ ଏଠାରେ ବିଶୋଧିତ ବର୍ଜ୍ୟଜଳର କିପରି ପୁନଃବ୍ୟବହାର କରାଯାଇପାରିବ ସେ ବିଷୟରେ ଶିଖିପାରିବେ ଏବଂ ସ୍ଥାୟୀ ସହରୀ ପରିଚାଳନା ବ୍ୟବସ୍ଥାର ବ୍ୟବହାରିକ ଜ୍ଞାନ ହାସଲ କରିପାରିବେ। ବିଭିନ୍ନ ରାଜ୍ୟ ଏବଂ ଅନ୍ୟ ଦେଶର ଲୋକମାନେ ମଧ୍ୟ ଏଠାକୁ ପ୍ରଶିକ୍ଷଣ ପାଇଁ ଆସିପାରିବେ। ତେବେ ରହିବା ସୁବିଧା ନଥିବା ଏକ ବଡ଼ ସମସ୍ୟା ଥିଲା। ଏହି ହଷ୍ଟେଲ୍ ଉଦ୍ ?ଘାଟନ ହେବା ଫଳରେ ଏବେ ଅଧିକ ସଂଖ୍ୟକ ପ୍ରଶିକ୍ଷାର୍ଥୀ କ୍ୟାମ୍ପସରେ ରହି ଏକାଡେମୀର ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ ଲାଭବାନ ହୋଇପାରିବେ,' ବୋଲି ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି।

ବିଧାୟକ ଶ୍ରୀ ବାବୁ ସିଂ ସହରାଂଚଳ ଶାସନ ଭିତିଭୂମିର ସୁଦୃଢ଼ୀକରଣ ଏବଂ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ସରକାରଙ୍କ ନିରନ୍ତର ପୁଞ୍ଜିନିବେଶକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ଅର୍ବାନ୍ ଏକାଡେମୀ ସହରାଂଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର




## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ ବିରୋଧ କରିବ କଂଗ୍ରେସ : ଭକ୍ତ

ଭୁବନେଶ୍ୱର, ୮।୬ (ମହାଭାରତ): ପିସିସି ସଭାପତି ଭକ୍ତ ଚରଣ ଦାସ ମହାନଦୀ ଜଳ ବିବାଦକୁ ନେଇ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ସରକାର କହୁଛନ୍ତି, ମହାନଦୀ ଜଳକୁ ନେଇ ଆମର ଛତିଶଗଡ ସହିତ କୌଣସି ବିବାଦ ନାହିଁ। ଯଦି ଏହା ସତ୍ୟ ତେବେ ୨୯.୭.୨୦୨୫ ରେ ବିଧାନସଭାରେ ଜୈନକ ବିଧାୟକଙ୍କ ପ୍ରଶ୍ନର ଉତର ଦେଇ, ମୁଖ୍ୟମନ୍ତ୍ରୀ କହିଥିଲେ, ମହାନଦୀର ଉପର ମୁଣ୍ଡରେ ୪୧ ଗୋଟି ବୃହତ ଓ ମଧ୍ୟମ ଧରଣର ପ୍ରକଳ୍ପ ଏବଂ ୧,୮୭୪ ଗୋଟି କ୍ଷୁଦ୍ର ଏବଂ ଅନ୍ୟାନ୍ୟ ନଦୀ ଜଳ ପ୍ରକଳ୍ପ ତିଆରି ହେଇଥିବାରୁ ଅଣ ମୌସୁମୀ ସମୟରେ ମହାନଦୀରେ ଜଳ ହ୍ରାସ ପାଉଛି,। ରାଜ୍ୟର ବିଭିନ୍ନ ଶିଳ୍ପକୁ ମହାନଦୀର ଜଳ ଯୋଗାଇ ଦିଆ ଯାଉଛି । ପ୍ରତ୍ୟେକ ଶିଳ୍ପ ୫୦ ହଜାରରୁ ଲକ୍ଷେ କ୍ୟୁବିକ ମିଟର ଜଳ ବ୍ୟବହାର କରୁଛନ୍ତି । ବର୍ତ୍ତମାନ ଛତିଶଗଡ ଓ ଓଡିଶାରେ ବିଜେପି ସରକାର ରହିବା ସହ କେନ୍ଦ୍ରରେ ମଧ୍ୟ ବିଜେପି ସରକାର ଅଛି ଯଦି ପ୍ରଧାନମନ୍ତ୍ରୀ ଚାହିଁବେ ଗୋଟିଏ ଦିନରେ ମହାନଦୀ ଜଳ ବିବାଦର ସମାଧାନ ହୋଇପାରିବ । ମହାନଦୀର ଜଳକୁ ଛତିଶଗଡ ହାତରେ ଟେକି ଦେଇ ରାଜ୍ୟର ବୃହତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପ୍ରଧାନମନ୍ତ୍ରୀ ମହୋଦୟ ଓଡିଶାକୁ ସରକାରଙ୍କ ପୂର୍ତି ଉତ୍ସବ ପାଳନ କରିବାକୁ ଆସୁଛନ୍ତି । ମହାନଦୀ ଜଳ ବିବାଦର ସମାଧାନ କରିବାକୁ ପଡିବ ନହେଲେ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବ ବୋଲି ଶ୍ରୀ ଦାସ କହିଛନ୍ତି । ସେହିପରି ଅନୁସୂଚିତ ଜାତି ଜନଜାତି ପାଇଁ ସଂରକ୍ଷଣକୁ ୨୭% କାହିଁକି କରାଗଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଶ୍ରମ ସଂସ୍ଥାନର ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର, ୮।୬ (ମହାଭାରତ): ରାଜ୍ୟ ଶ୍ରମ ସଂସ୍ଥାନ, ଓଡ଼ିଶାର ୧୩ତମ ସାଧାରଣ ପରିଷଦ ବୈଠକ ବୁଧବାର ସ୍ଥାନୀୟ ଖାରବେଳ ଭବନରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଂଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ଶ୍ରମ ସଂସ୍ଥାନକୁ ଅଧିକ କ୍ରିୟାଶୀଳ, ଦକ୍ଷ ଏବଂ ଲୋକାଭିମୁଖୀ କରିବା ପାଇଁ ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗ ଓ ପରାମର୍ଶ ଆବଶ୍ୟକ। ଶ୍ରମିକଙ୍କ କଲ୍ୟାଣ ଓ କ୍ଷମତା ବିକାଶ ଦିଗରେ ସଂସ୍ଥାନର ଭୂମିକାକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ସମନ୍ୱିତ ପ୍ରୟାସ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ରାଜ୍ୟ ଶ୍ରମ ସଂସ୍ଥାନର ନିର୍ଦ୍ଦେଶକ ତଥା ଶ୍ରମ ଆୟୁକ୍ତ ଇନ୍ଦ୍ରମଣୀ ତ୍ରିପାଠୀ ସଂସ୍ଥାନ ପକ୍ଷରୁ ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରଶିକ୍ଷଣମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ପୂର୍ବ ନିର୍ଦ୍ଧାରିତ ଏଜେଣ୍ଡା ଅନୁଯାୟୀ ବିଭିନ୍ନ ବିଷୟ ଉପରେ ସଦସ୍ୟମାନଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଲୋଚନା ପରେ ରାଜ୍ୟ ଶ୍ରମ ସଂସ୍ଥାନ ପାଇଁ ଏକ ନୂତନ ଭବନ ନିର୍ମାଣ ଏବଂ ସଂସ୍ଥାନର କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ ଭାବେ ପରିଚାଳନା କରିବା ନିମନ୍ତେ ଆବଶ୍ୟକ ମାନବ ସମ୍ବଳ ନିଯୁକ୍ତି ସମ୍ପର୍କିତ ପ୍ରସ୍ତାବ ଆଗତ କରାଗଲା। ସଂସ୍ଥାନର ଉପାଧ୍ୟକ୍ଷା ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆଗାମୀ ଦିନରେ ଏହି ଶ୍ରମ ସଂସ୍ଥାନକୁ ଅଧିକ ଲୋକାଭିମୁଖୀ କରିବା ସହ ବିଭିନ୍ନ ଶ୍ରମ ସଂହିତା ସମ୍ବନ୍ଧୀୟ ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରାଯିବ।

## ଓଡ଼ିଶା ପୋଲିସ ପକ୍ଷରୁ ଉପକୂଳ ସୁରକ୍ଷା ସମ୍ମିଳନୀ

ଭୁବନେଶ୍ୱର, ୮।୬ (ମହାଭାରତ): ଓଡ଼ିଶା ପୋଲିସର ଉପକୂଳ ସୁରକ୍ଷା ଶାଖା ପକ୍ଷରୁ ଗୁରୁବାର ପୋଲିସ ଭବନଠାରେ "ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ–୨୦୨୬" ଆୟୋଜିତ ହୋଇଯାଇଛି। "ଉପକୂଳ ସୁରକ୍ଷା ବ୍ୟବସ୍ଥା: ସମସ୍ୟା, ସମାଧାନ ଓ ଆଗାମୀ ପଦକ୍ଷେପ" ଶୀର୍ଷକକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ଉପକୂଳ ସୁରକ୍ଷା ବ୍ୟବସ୍ଥାର ବର୍ତମାନ ସ୍ଥିତି, ପ୍ରମୁଖ ଚ୍ୟାଲେଞ୍ଜ, ସମ୍ଭାବ୍ୟ ସମାଧାନ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ଏହି ସମ୍ମିଳନୀକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଉଦ୍‌ଘାଟନ କରି କହିଥିଲେ ଯେ, ଉପକୂଳ ସୁରକ୍ଷା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ। ରାଜ୍ୟର ଅର୍ଥନୈତିକ ବିକାଶ, ସାମୁଦ୍ରିକ ବାଣିଜ୍ୟ ଏବଂ ଜନସୁରକ୍ଷା ସହ ଏହା ନିବିଡ଼ ଭାବେ ସମ୍ପୃକ୍ତ। ଓଡ଼ିଶାର ୫୭୪.୭ କିଲୋମିଟର ଦୀର୍ଘ ଉପକୂଳ ଏବଂ ପାରାଦୀପ, ଧାମରା ଓ ଗୋପାଳପୁର ଭଳି ପ୍ରମୁଖ ବନ୍ଦରଗୁଡ଼ିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ଉପକୂଳ ଅଂଚଳର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ବୋଲି ସେ ମତପ୍ରକାଶ କରିଥିଲେ।

ଡିଜିପି ଶ୍ରୀ ଖୁରାନିଆ କହିଥିଲେ ଯେ, ଉପକୂଳ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ପୋଲିସ ଗତ କିଛି ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ବର୍ତମାନ ଉପକୂଳ ଅଂଚଳରେ ଥିବା ୧୮ଟି ମେରାଇନ ପୋଲିସ ଥାନାରେ ୭୦୦ରୁ ଅଧିକ ପୋଲିସ କର୍ମଚାରୀ ନିୟୋଜିତ ଅଛନ୍ତି। ଏହାସହ ୧୫ଟି ଫାଷ୍ଟ ଇଂଟରସେପ୍ଟର ବୋଟ୍, ୫ଟି ଡ୍ରୋନ୍ ଏବଂ ୫ଟି ଭଡ଼ା ଟ୍ରଲର ମାଧ୍ୟମରେ ସାମୁଦ୍ରିକ ପାଟ୍ରୋଲିଂକୁ ସୁଦୃଢ଼ କରାଯାଇଛି। ଭୁବନେଶ୍ୱରରେ ଅବସ୍ଥାପିତ ଥିବା କମାଣ୍ଡ, କଂଟ୍ରୋଲ ଓ ଟ୍ରେନିଂ ସେଂଟର ଉପକୂଳ ସୁରକ୍ଷା କାର୍ଯ୍ୟକଳାପର ସମନ୍ୱୟ ଏବଂ ନିରୀକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ସେହିପରି 'ନାଭାମିତ୍ର' ଆପ୍ ମାଧ୍ୟମରେ ମାଛଧରା ଡଙ୍ଗାଗୁଡ଼ିକର ଗତିବିଧି ଉପରେ ନଜର ରଖାଯାଉଛି ଏବଂ ଅବସରପ୍ରାପ୍ତ ନୌସେନା ଓ ତଟରକ୍ଷୀ ବାହିନୀର ଅଧିକାରୀମାନଙ୍କ ସେବାକୁ ମଧ୍ୟ ଏହି ବ୍ୟବସ୍ଥାରେ ସାମିଲ କରାଯାଇଛି। ସେ ଆହୁରି ସୂଚନା ଦେଇଥିଲେ ଯେ, ଆଗାମୀ ଦିନରେ ଉପକୂଳ ସୁରକ୍ଷାକୁ ଅଧିକ ଆଧୁନିକ ଓ ପ୍ରଭାବଶାଳୀ କରିବା ନିମନ୍ତେ ୧୦ଟି ନୂତନ ଫାଷ୍ଟ ଇଂଟରସେପ୍ଟର ବୋଟ୍, ଅତିରିକ୍ତ ଟ୍ରଲର, ମିନି କଂଟ୍ରୋଲ ସେଂଟର, ମାଛଧରା ବନ୍ଦର ଏବଂ ଫିଶ୍ ଲ୍ୟାଣ୍ଡିଂ ସେଂଟରଗୁଡ଼ିକରେ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା, ମଡ୍ୟୁଲାର ଜେଟି ଏବଂ ଆଧୁନିକ ଆଂଟି-ଡ୍ରୋନ୍ ପ୍ରଣାଳୀ ସ୍ଥାପନ କରାଯିବ। କାର୍ଯ୍ୟକ୍ରମରେ ଡିଜିପି( କାରାଗାର ଓ ସଂସ୍କାର ସେବା ) ସୁଶାନ୍ତ କୁମାର ନାଥ, ଡିଜିପି( କ୍ରାଇମବ୍ରାଂଚ) ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ ପ୍ରମୁଖ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିରିକ୍ତ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସମ୍ମିଳନୀର ଉଦ୍ଦେଶ୍ୟ, ସମୁଦ୍ର ଏବଂ ତଟବର୍ତୀ ଅଂଚଳର ସୁରକ୍ଷା ସମ୍ବେଦନଶୀଳ ସ୍ଥାନଗୁଡ଼ିକର ଚିହ୍ନଟ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏଆଇଜି( ଉପକୂଳ ସୁରକ୍ଷା) ସତ୍ୟଜିତ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସୁରକ୍ଷା ଏବଂ ପ୍ରଶାସନିକ ସଂସ୍ଥାର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଯୋଗଦେଇଥିଲେ।



## ବିଚାର ପ୍ରକ୍ରିୟାରେ ତ୍ରୁଟି

ବିଚାର ପ୍ରକ୍ରିୟାରେ ମଧ୍ୟ ତ୍ରୁଟି ରହୁଛି ଯାହା ଫଳରେ ନ୍ୟାୟ ପ୍ରଦାନ ବିଳମ୍ବ ହେଉଛି। ଏଥିପାଇଁ ଅପରାଧୀଙ୍କର ଭୟ ରହୁନି ଏବଂ ସେମାନେ ବାରମ୍ବାର ଅପରାଧ କରୁଛନ୍ତି, ଆଇନ ଆଖିରେ ଧୂଳି ଦେଇ ଖସି ଯାଉଛନ୍ତି ବା ସାମାନ୍ୟ ଦଣ୍ଡ ଭୋଗି ବାହାରେ ବେଶ ଅୟସରେ ଜୀବନ ବିତାଉଛନ୍ତି। ଏଥିପାଇଁ ଭାରତରେ ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଦେଶର ସ୍ୱାର୍ଥ ପ୍ରତି ଦୃଷ୍ଟି ନଦେଇ ଅନେକ କେବଳ ଟଙ୍କା ଉପାର୍ଜନ ପାଇଁ ଅତି ଜଘନ୍ୟ କାମ କରୁଛନ୍ତି। ନିକଟରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ ଆୟୋଜିତ ନିଟ-ୟୁଜି ପରୀକ୍ଷାର ପ୍ରଶ୍ନପତ୍ର ଲିକ ହେବା ଏଭଳି ଏକ ଘଟଣା ଯାହା ଦେଶର ଶିକ୍ଷା ବ୍ୟବସ୍ଥାରେ ଥିବା ଦୁର୍ବଳତାକୁ ପଦାରେ ପକାଇ ଦେଇଛି। ପାଖାପାଖି ୨୨ଲକ୍ଷ ୭୯ ହଜାର ମେଡିକାଲ ଆଶାୟୀ ଛାତ୍ରଛାତ୍ରୀଙ୍କ ପ୍ରତି ଘୋର ଅନ୍ୟାୟ ହୋଇଛି। ଏନଟିଏ ପକ୍ଷରୁ ସମ୍ପୂର୍ଣ୍ଣ ପରୀକ୍ଷାକୁ ବାତିଲ ଘୋଷଣା କରାଯାଇଛି। ଆସନ୍ତା ଜୁନ ୨୧ରେ ପୁନର୍ବାର ଏହି ପରୀକ୍ଷା ହେବ। ଛାତ୍ରଛାତ୍ରୀଙ୍କୁ ଏଥିପାଇଁ ଆଉ ଥରେ ପରୀକ୍ଷା ଫି’ ଦେବାକୁ ପଡ଼ିବ ନାହିଁ କିମ୍ବା ଆଉ ଥରେ ରେଜିଷ୍ଟ୍ରେସନ କରିବାକୁ ପଡ଼ିବନି। ଏସବୁ ଠିକ ଅଛି, କିନ୍ତୁ ଥରେ ପରୀକ୍ଷା ଦେଇସାରିବା ପରେ ପୁଣି ଥରେ ଏଥିଲାଗି ପ୍ରସ୍ତୁତ ହେବା ନିଶ୍ଚିତଭାବେ କଷ୍ଟକର ଏବଂ ଏହା ଏକ ମାନସିକ ଯନ୍ତ୍ରଣା। ପ୍ରଶ୍ନପତ୍ର ଲିକ ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସିବିଆଇ ତତ୍କାଳ ଏହାର ତଦନ୍ତ ଆରମ୍ଭ କରିଛି। ଏହି ମାମଲାରେ ଏବେ ସୁଦ୍ଧା ସିବିଆଇ ୭ଜଣଙ୍କୁ ଗିରଫ କରିଛି। କିନ୍ତୁ ଏହା ପଛରେ ଆହୁରି ଅନେକ ଲୋକଙ୍କ ସମ୍ପୃକ୍ତି ରହିଛି ଯାହାର ପର୍ଦ୍ଦାଫାସ ହେବା ଉଚିତ। ତଦନ୍ତ ପ୍ରକ୍ରିୟା ଶୀଘ୍ର ଶେଷ ହେବା ଉଚିତ ଏବଂ ପୁରା ଅପରାଧିଙ୍କ ତାଲିକା ସର୍ବସାଧାରଣରେ ଫଟୋ ସହ ପ୍ରକାଶ ପାଇବା ଉଚିତ। ଯେଉଁମାନେ ଏଥିରେ ସମ୍ପୃକ୍ତ ସେମାନଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଯେଉଁମାନେ ପ୍ରଶ୍ନପତ୍ର ବିକିଛନ୍ତି ଏବଂ ଯେଉଁମାନେ ଏହାକୁ କିଣିଛନ୍ତି ଉଭୟଙ୍କ ପ୍ରତି ସମାନ ଦଣ୍ଡ ବିଧାନ ହେବା ଉଚିତ। ଜେଲ ସହିତ ମୋଟା ଅଙ୍କର ଜରିମାନା ମଧ୍ୟ ହେବା ଉଚିତ। ତ୍ୱରିତ ଏବଂ ଯଥାର୍ଥ ଦଣ୍ଡ ଅଭାବରୁ ଏଭଳି ଘଟଣା ବାରମ୍ବାର ଘଟୁଛି। ପୂର୍ବରୁ ମଧ୍ୟ ନିଟ ପ୍ରଶ୍ନପତ୍ର ଲିକ ହୋଇଛି। ସେହିସବୁ ଘଟଣାରେ ଦୋଷୀଙ୍କ ପ୍ରତି କ’ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ସମସ୍ତେ ଜାଣିବା ଉଚିତ। ଯଦି ପୂର୍ବରୁ ଏଭଳି କାର୍ଯ୍ୟ ନିମନ୍ତେ ଦୋଷୀଙ୍କ ପ୍ରତି କଠୋର ଦଣ୍ଡବିଧାନ ହୋଇଥାଆନ୍ତା ତେବେ ଆଜି ଏହାର ପୁନରାବୃ□ ହୋଇନଥାନ୍ତା। ଏଥିପାଇଁ ସରକାର ବା ଏନଟିଏ କ□ୃପକ୍ଷ ଦେଶବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ସହ ଦୋଷ ସ୍ୱୀକାର କରିବା ଉଚିତ। ଏନଟିଏର ଯେଉଁମାନଙ୍କ ଦାୟିତ୍ୱହୀନତା ଲାଗି ଆଜି ଏପରି ଘଟଣା ଘଟିଛି ସେମାନଙ୍କୁ ବହିଷ୍କାର କରାଯିବା ଉଚିତ। ଏହା ଏକ ଛୋଟିଆ ଘଟଣା ନୁହେଁ। ଦେଶର ଶିକ୍ଷାମନ୍ତ୍ରୀ ଏଥିପାଇଁ ଉ□ରଦାୟୀ। ଅନ୍ୟ ପରୀକ୍ଷା କଥା ଛାଡ଼, ଅନ୍ତତଃ ପକ୍ଷେ ମେଡିକାଲ ପ୍ରବେଶିକା ପରୀକ୍ଷାରେ ସ୍ୱଚ୍ଛତା ଅବଲମ୍ବନ ନିହାତି ଜରୁରୀ। କାରଣ ଏହା ଲୋକଙ୍କ ଜୀବନ ସହ ଜଡ଼ିତ। ମେଧାବୀ ଛାତ୍ରମାନେ କେବଳ ମେଡିକାଲ ପଢ଼ିବାର ସୁଯୋଗ ପାଇବା ଉଚିତ। ନଚେତ ଦେଶରେ ଭଲ ଡାକ୍ତର କିପରି ବାହାରିବେ। ମୋଟା ଅଙ୍କର ଟଙ୍କା ବିନିମୟରେ ପ୍ରଶ୍ନପତ୍ର କିଣି କପି କରି ମେଡିକାଲ ଆଡମିଶନ କରୁଥିବା, ମେଡିକାଲ ପାଠ ପଢୁଥିବା ଛାତ୍ରମାନେ କିପରି ଭଲ ଡାକ୍ତର ହୋଇ ବାହାରିବେ ? ସେମାନଙ୍କ ହାତରେ ଜୀବନ ଚାଲିଯିବା ସାର ହେବ। ନିଟ ୟୁଜି ପ୍ରଶ୍ନପତ୍ର ଲିକ ଘଟଣାରେ ସମ୍ପୃକ୍ତ ଅପରାଧୀ ହତ୍ୟାଠାରୁ ଅଧିକ ଜଘନ୍ୟ ଅପରାଧ କରିଛନ୍ତି। ସେମାନଙ୍କ ପ୍ରତି କ୍ଷମାର ପ୍ରଶ୍ନ ଉଠୁନି। ଯଦି ଜଣେ ହେଲେ ଅପରାଧୀ ଖସିଯାଆନ୍ତି ତେବେ ଏଥିପାଇଁ ସରକାର ଦାୟୀ ରହିବେ।

# ବାଲ୍ୟକାଳୁ ଧନ ଧର୍ମ ମୁଁ ସଞ୍ଚିବି...

॥ ପଙ୍କଜ କୁମାର ପାଣିଗ୍ରାହୀ ॥

> *ଟଙ୍କା କେବଳ ଏକ ମନୁଷ୍ୟକୃତ ବିଭୀଷିକାର ରୂପାନ୍ତରିତ ଚେହେରା ବ୍ୟତୀତ ପ୍ରକୃତ ଧନ ନୁହେଁ। ତେଣୁ ଦାର୍ଶନିକ, ମଣିଷର ଅନ୍ତର୍ଜ୍ଞାନକୁ ଏଠାରେ ଧନ ରୂପେ ବର୍ଣ୍ଣନା କରି ମଣିଷ ସମାଜକୁ ଆହ୍ୱାନ ଦେଇଛନ୍ତି ଯେ ଆମକୁ ଜ୍ଞାନ ଅର୍ଜନ କରିବାକୁ ହେବ ଏବଂ ତାହାର ସଂରକ୍ଷଣ ସଦୁପଯୋଗ ଉପରେ ପ୍ରାଧାନ୍ୟତା ଦେଇ ଶିଖିବାକୁ ହେବ ଯାହା ଆମକୁ ପ୍ରକୃତ ଧନଶାଳୀ କରିପାରିବ।*

ହିନ୍ଦୁ ସଂସ୍କାର, ସଂସ୍କୃତି ଜଡିତ ଉପରୋକ୍ତ ଉକ୍ତିଟିକୁ ଅତ୍ୟାଧୁନିକ ମଣିଷ ଉପସ୍ଥିତ ସମୟ ସାପେକ୍ଷ ଚେତନାରେ ମୁଖରିତ କରି ଯେଉଁସବୁ ଶିକ୍ଷା ସମାଜରେ ବିତରଣ କରୁଛନ୍ତି ସେସବୁ ସମ୍ପୃକ୍ତ ଦାର୍ଶନିକଙ୍କ ପ୍ରକୃତ ସନ୍ଦେଶ ନୁହେଁ । ଆମ ସଂସ୍କୃତିର ପ୍ରାୟତଃ ସମସ୍ତ ଜ୍ଞାନସିକ୍ତ ବକ୍ତବ୍ୟ ଗୁଡିକୁ ବିକୃତ, ବିଭସ୍ତ କରି ଅମାନୁଷିକ ସ୍ୱାର୍ଥନ୍ୱେଷୀ ଆଜି ଯାହାସବୁ ବିପରୀତମୁଖୀ ଚେତନା ସମାଜରେ ବିତରଣ କରୁଛନ୍ତି ସେଗୁଡିକୁ ସମୀକ୍ଷା କରିବା ମଣିଷ କ୍ଷୀଣ । ଉପସ୍ଥିତ ସମୟରେ କେତେକ ଅଜ୍ଞାନ ଚତୁର ସ୍ୱାର୍ଥନ୍ୱେଷୀ ନିଜକୁ ସୁହାଇଲା ଭଳି ଅନେକ ମନ୍ତବ୍ୟ ପ୍ରଚାର ପ୍ରସାର କରି ସାଧାରଣ ନିର୍ବୋଧଙ୍କୁ ପ୍ରତାରିତ କରି ଠକୁଥିବା ନବୁଝି ସେମାନଙ୍କ କଥାକୁ ମହତ୍ୱର ସହିତ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି ସମସ୍ତଙ୍କ କ୍ଷେତ୍ରରେ ।

ପ୍ରମାଣପତ୍ର ଶୂନ୍ୟ ଅଦତିଜ୍ଞାନୀ ଦାର୍ଶନିକ ଯାହାସବୁ ଚେତନଜ୍ଞାନ ଦେଇ ଯାଇଛନ୍ତ ସେଗୁଡିକୁ କଦର୍ଥ କରି ଶିକ୍ଷା ପ୍ରମାଣପତ୍ରଧାରୀ ଅଜ୍ଞାନ ଚତୁର ଗୋଷ୍ଠୀ ସମାଜରେ ନିଜର ସ୍ୱୟଂସିଦ୍ଧତା ସାବ୍ୟସ୍ତ କରିବା ଲକ୍ଷ ରଖି ଯାହା ସବୁ ପ୍ରେରଣା ଦେଉଛନ୍ତି ତାହାଦ୍ୱାରା ମଣିଷ ସମାଜ ଉନ୍ନତି କରିବା ପରିବର୍ତ୍ତେ ଅବନତିର ବିଭୀଷିକା ଆଡକୁ ମୁଖରିତ । ଏହି ମର୍ମରେ ସମ୍ପୃକ୍ତ ଉକ୍ତିଟିର ସମୀକ୍ଷା କରି ସମୁଚିତ ଶିକ୍ଷା ପାଇବା ବିଷୟ ଏହାକି...

ପ୍ରଥମେ ଆମକୁ ଧନ ଏବଂ ଧର୍ମର ମହତ୍ୱକୁ ବୁଝିବାକୁ ହେବ । ତତ୍‌ପରବର୍ତ୍ତୀ ସେଗୁଡିକର ଆହରଣ ଏବଂ ସଂରକ୍ଷଣ ବିଷୟ ବିଚାରକୁ ନେଇ ନିଜସ୍ୱ ଜୀବନ ଶୈଳୀକୁ ସରସ ସୁନ୍ଦର କରିବା ସମ୍ଭବ ହେବ । ଅର୍ଥାତ ଧନ କାହାକୁ କୁହାଯାଏ ବିଚାର କରି ଦେଖିବା । କୌଣସି ବିଷୟ କିମ୍ବା ବସ୍ତୁର ବାସ୍ତବବାଦୀ ଚେତନା ଜ୍ଞାନ ତଥା ସତ୍ୟାସତ୍ୟ ଉନ୍ମୋଚନ କରି ସ୍ମରଣିକା ମଧ୍ୟରେ ସଂସ୍ଥାପନ କରିବା ଦ୍ୱାରା ମଣିଷର ପ୍ରକୃତ ଜ୍ଞାନ ଉଦୟ ହୋଇଥାଏ । ସେହି ପ୍ରକୃତ ଜ୍ଞାନକୁ ବିନିଯୋଗ କରି ମଣିଷ ଅନେକ କିଛି ହାସଲ କରିବା କ୍ଷମତା ପ୍ରାପ୍ତ ହୋଇଥାଏ ।

ସମୟ ସାପେକ୍ଷ ଜ୍ଞାନର ବ୍ୟବହାର ମଣିଷକୁ ସାହସ, ଆନନ୍ଦ ଓ ମାନବିକ ପ୍ରେରଣା ଦେଇଥାଏ ଯଦ୍ୱାରା ମଣିଷର ଅଭାବନିୟତା ଦୂର କରିବାରେ ଅତ୍ୟନ୍ତ ଉପାଦେୟ ହୋଇଥାଏ । ଏହାର ତାତ୍ତ୍ୱିକ ନିଦର୍ଶନ ଏହା କି ଜ୍ଞାନ ଦ୍ୱାରା ଜୀବନର ଯେକୌଣସି ପରିସ୍ଥିତିକୁ ମୁକାବିଲା କରାଯାଇ ପାରିବ । କିନ୍ତୁ ଟଙ୍କା ଦ୍ୱାରା କେବଳ ଖୁବ୍ କମ୍ ସମସ୍ୟାର ସମାଧାନ ସମ୍ଭବ, ଆଉ କେତେବେଳେ ଟଙ୍କା ମୁକାବିଲା କରିପାରିବା କ୍ଷମତା ବହିର୍ଭୁତ ପରିସ୍ଥିତି ସୃଷ୍ଟି କରିବାରେ ସହଯୋଗୀ ହୋଇଥାଏ । ଟଙ୍କା ଜୀବନ ଘାତକର କାରଣ, ଟଙ୍କା ମାନସିକ ଅସନ୍ତୁଳନର କାରଣ ହେଉଥିବା କୌଣସି ଆଶ୍ଚର୍ଯ୍ୟ କଥା ନୁହେଁ ଯାହା ସମସ୍ତେ ଜାଣନ୍ତି ।

ଟଙ୍କା କେବଳ ଏକ ମନୁଷ୍ୟକୃତ ବିଭୀଷିକାର ରୂପାନ୍ତରିତ ଚେହେରା ବ୍ୟତୀତ ପ୍ରକୃତ ଧନ ନୁହେଁ । ତେଣୁ ଦାର୍ଶନିକ, ମଣିଷର ଅନ୍ତର୍ଜ୍ଞାନକୁ ଏଠାରେ ଧନ ରୂପେ ବର୍ଣ୍ଣନା କରି ମଣିଷ ସମାଜକୁ ଆହ୍ୱାନ ଦେଇଛନ୍ତି ଯେ ଆମକୁ ଜ୍ଞାନ ଅର୍ଜନ କରିବାକୁ ହେବ ଏବଂ ତାହାର ସଂରକ୍ଷଣ ସଦୁପଯୋଗ ଉପରେ ପ୍ରାଧାନ୍ୟତା ଦେଇ ଶିଖିବାକୁ ହେବ ଯାହା ଆମକୁ ପ୍ରକୃତ ଧନଶାଳୀ କରିପାରିବ । ଅର୍ଥାତ ସେହି ଜ୍ଞାନ ରୂପକ ଧନକୁ ବ୍ୟବହାର କରି ଆମେ ଆନନ୍ଦରେ କାଳାତିପାତ କରିପାରିବା । ଅନୁରୂପ ଏଠାରେ ମଣିଷକୁ ସତ୍ୟ ଉପରେ ଆଧାରିତ ସାମାଜିକ, ମାନବିକ ଚେତନା ତଥା ତାହାର ବ୍ୟବହାରକୁ ଧର୍ମ ବୋଲି କୁହାଯାଇ ଅଛି ଯାହା ପ୍ରକୃତ ପକ୍ଷେ ମାନବଧର୍ମ ଅଟେ ।

ମଣିଷର ପ୍ରବାହିତ ଚରିତ୍ର, ଆଚରଣ ଏବଂ ସାମାଜିକ କର୍ତବ୍ୟନିଷ୍ଠତାକୁ ପ୍ରକୃତ ଧର୍ମ ବୋଲି କୁହାଯାଏ । ତେଣୁ ଆମକୁ ମାନବିକ ଚେତନାରେ ଅଭିଷିକ୍ତ ହୋଇ ସମାଜର ମଙ୍ଗଳ ଦିଗରେ ବ୍ରତୀ ହେବା ପାଇଁ ଆହ୍ୱାନ ପୂର୍ବକ ଦାର୍ଶନିକ ତାହାର ସୁବିନିଯୋଗ କରି ମାନବ ମଙ୍ଗଳ ଦିଗରେ ନିୟୋଜିତ କରିବା ପାଇଁ ପ୍ରେରଣା ଦେଇଛନ୍ତି । ସେଗୁଡିକୁ ବିଭସ୍ତ, କଦର୍ଥ କରି ଅଜ୍ଞାନ ଚତୁର ଯେଉଁ ସମୟସାପେକ୍ଷ ଯୁକ୍ତି ପ୍ରଦାନ କରୁଛନ୍ତି ତାହା ସାଧାରଣ ନିର୍ବୋଧଙ୍କ ଅଜ୍ଞାତରେ ପରିଚାଳିତ କରୁଥିବା ହେତୁ ସମାଜରେ ଅନ୍ୟାୟ, କୁସଂସ୍କାର ଦିନକୁ ଦିନ ବଢ଼ିବାରେ ଲାଗିଛି ।

ଉପସ୍ଥିତ ସମୟରେ ଦୁଇଟି ଗୋଷ୍ଠୀର ବ୍ୟପାରୀ ନିଜସ୍ୱ ସ୍ୱାର୍ଥକୁ ସମ୍ମୁଖରେ ରଖି ସାଧାରଣ ଲୋକଙ୍କୁ କହୁଛନ୍ତି ଯେ ଧନ କହିଲେ ଟଙ୍କା ଏବଂ ଧର୍ମ କହିଲେ କାଠ, ପଥର, ଧାତୁ, କାଗଜର ମୂର୍ତ୍ତିକୁ ଫୁଲ, ଚନ୍ଦନ, ଅର୍ଘ୍ୟ, ବ୍ୟନ ପ୍ରଦାନ ପୂର୍ବକ ପୂଜା !! ତେଣୁ ଏହି ଦୁଇଟିକୁ ମନଲାଖି ଆହରଣ କରିବା ଏବଂ ତାହାର ସଂଚୟ, ବିନିଯୋଗ କରିବା ଦ୍ୱାରା ମଣିଷ ସୁଖ ଶାନ୍ତି ପାଇ ପାରିବ, ଯାହା ସମ୍ପୂର୍ଣ୍ଣ ବ୍ୟର୍ଥ ପରିକଳ୍ପନା ମାତ୍ର ! ସାଧାରଣ ମଣିଷ ସମୂହ ସେମାନଙ୍କ ଏହି ବୃଥା, ମିଥ୍ୟା ପ୍ରେରଣାକୁ ଅଂତରଣୀୟ କରି କାର୍ଯ୍ୟ କରିବା ଦ୍ୱାରା ସେହି ଦୁଇ ଗୋଷ୍ଠୀର ବ୍ୟପାରୀ ସମାଜରୁ କେମିତି ପରୋକ୍ଷରେ ସ୍ୱାର୍ଥ ହାସଲ କରୁଛନ୍ତି ଏବଂ ନିର୍ବୋଧ କେମିତି ପ୍ରତାରିତ ହେଉଛନ୍ତି ଆଜି ସମୟରେ ବିଚାର କରିବା । ସେମାନଙ୍କ ପ୍ରଚାର, ପ୍ରସାର ଜନିତ ସାମାଜିକ ବିଭୀଷିକା ବିଷୟରେ ସମ୍ୟକ୍ ଆଲୋଚନା କରାଗଲେ ନିଷ୍କର୍ଷ ଏହା ମିଳିବ ଯେ...

ଜଣେ ମଣିଷ ତାହାର ବ୍ୟବହାର ଆବଶ୍ୟକ ବହିର୍ଭୁତ ଯେଉଁ ଧନରାଶି ଉପାର୍ଜନ କରିଥାଏ ତାହାର କିଛି ଅଂଶ ଦୈନନ୍ଦିନ ଚଳଣିରେ ବ୍ୟବହାର କରିବା ପରେ ଅବଶିଷ୍ଟାଂଶ ସଂଚୟ କରିଥାଏ ଯାହା ବିଭିନ୍ନ ସାମାଜିକ ସଂଚୟ ସଂସ୍ଥା ମଧ୍ୟରେ ସମାହିତ । ସେହି ସଂଚୟ ଟଙ୍କାକୁ ସାଧାରଣ ନିର୍ବୋଧ ମଣିଷଟିଏ ବର୍ଷ ବର୍ଷ ଧରି ସମ୍ପୃକ୍ତ ଜମାକାରୀ ସଂସ୍ଥାରେ ନିୟୋଜିତ କରି ଶେଷରେ ଯେଉଁ ବର୍ଦ୍ଧିତ ରାଶି ପ୍ରାପ୍ୟ ହୋଇଥାଏ ସେଗୁଡିକ ସମ୍ପୃକ୍ତ ମଣିଷର କୌଣସି କାର୍ଯ୍ୟରେ ନଲାଗି ପୁନର୍ବାର ଅନ୍ୟ ଏକ ଦିଗରେ ନିବେଶ କରାଯାଇ ଥାଏ ।

ଅଧିକନ୍ତୁ ଅନେକ ବର୍ଷର ସଂଚୟକୁ କିଛି ଶୁଦ୍ଧ ସମେତ ପାଇଲା ବେଳକୁ ସେହି ସମୁଳ ଶୁଦ୍ଧ ଧନର ସାମାଜିକ ମୂଲ୍ୟ ହୁଏତ ସେହି ପୂର୍ବ ସମୟ ସହିତ ସମାନ ରହିଥାଏ ତ ଆଉ କେତେବେଳେ କମ୍ ହୋଇଥାଏ ଯାହା ସାଧାରଣରେ କୌଣସି ଲୋକ ଜାଣିପାରନ୍ତି ନାହିଁ । ଇତି ମଧ୍ୟରେ ସମ୍ପୃକ୍ତ ଜମାକାରୀ ସଂସ୍ଥା ସେହି ଧନରାଶି ବିନିଯୋଗ କରି ଯଥେଷ୍ଟ ଲାଭ ପାଇଥିବା ବେଳେ ନିବେଶକଙ୍କ ପ୍ରାପ୍ୟ ଅତି ନଗଣ୍ୟ ହୋଇଥାଏ ତୁଳନାତ୍ମକ ସେମାନଙ୍କ ଲାଭ ।

# ଏ ଜାତିକୁ ଆଉ ଜଣେ ମଧୁବାରିଷ୍ଟର ଦରକାର !!

॥ ବାଦଲ ଭୂୟାଁ ॥

ମହାନ ଉତ୍କଳୀୟ ସଂସ୍କୃତି, ବିଭବ, ଅଭିବୃଦ୍ଧିକୁ ନେଇ ତାର ମହନୀୟତା ଯୁଗେ ଯୁଗେ ଗରୀୟାନ। ଆଜି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ। ବର୍ତ୍ତମାନର ପିଢ଼ୀ ହୁଏତ ମଧୁବାବୁଙ୍କୁ ଗୁଗୁଲରେ, ମୋବାଇଲରେ ଜାଣିବାର ସୁଯୋଗ ପାଇବେ। ବାସ୍ତବ କଥା ହେଉଛି ଆଜିକାର ମୂଲ୍ୟବୋଧହୀନ ଓ ସ୍ୱାର୍ଥଲିପ୍ସୁ ଜୀବନ ଭିତରେ ନିଜ ରାଜ୍ୟ, ସଂସ୍କୃତି ଓ ଭାଇଚାରାକୁ ବନ୍ଧନୀରେ ରଖିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଯେଉଁ ନିଃସ୍ୱାର୍ଥପର ତ୍ୟାଗ କରିଯାଇଛନ୍ତି ତାହା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ପ୍ରତିବର୍ଷ ପରି ଆଜିର ଦିନରେ ସରକାରୀ ଓ ବେସରକାରୀ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ବକ୍ତାମାନେ ଗଳା ଫଟାଇ ମଧୁବାବୁଙ୍କ ଉପରେ ବହୁତ ଭାଷଣ ଦେବେ। ମଧୁବାବୁ କିପରି ବହୁକ୍ଷେତ୍ରରେ ପ୍ରଥମ ଥିଲେ, ତାଙ୍କ ଉଦ୍ୟମରେ କିପରି ଏ ରାଜ୍ୟର ଗଠନ ସମ୍ଭବ ହୋଇଥିଲା ସେନେଇ ଇତିହାସର ପୃଷ୍ଠାକୁ ବକ୍ତାମାନେ ସ୍ମରଣୀୟ କରି ଗଢ଼ି ତୋଳିବେ। କିନ୍ତୁ ଦିନକ ପରେ ସମସ୍ତେ ପୁଣି ଭୁଲିଯିବେ ମଧୁବାବୁଙ୍କୁ। କେଉଁ ପରିସ୍ଥିତିରେ କିଭଳି ଅଦମ୍ୟ ସଂକଳ୍ପ ନେଇ ମଧୁବାବୁ ଏ ଜାତି ପାଇଁ ସଂଗ୍ରାମ କରିଥିଲେ ଏବଂ ଅଧବସାୟ ଫଳରେ ଓଡ଼ିଆମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ, ତାହାର ମୂଲ୍ୟ ଯିଏ ନବୁଝିଛି ଏବଂ ସେହି ଅନୁସାରେ ନିଜର ଅବଦାନ ଦେବା ପାଇଁ ଆଗ୍ରହୀ ନ ହୋଇଛି ତାହେଲେ ଏସବୁ ଲୋକଦେଖାଣିଆ ସ୍ତୁତିଚାରଣର କିଛି ଅର୍ଥ ନାହିଁ। ସମ୍ପୂର୍ଣ୍ଣ ପ୍ରତିକୂଳ ପରିସ୍ଥିତିରେ ମଧୁବାବୁ ଏକ ସ୍ୱତନ୍ତ୍ର ଓଡ଼ିଆ ଜାତି ପାଇଁ ସଂଘର୍ଷ କରି ବହୁ ପ୍ରଥମ ପରିଚୟର ସ୍ରଷ୍ଟା ହୋଇଥିଲେ। ନିଜେ ଦେବାଳିଆ ମଧ ହୋଇଥିଲେ। କିନ୍ତୁ ତାଙ୍କୁ ବିରୋଧ କରି ବହୁ ବ୍ୟକ୍ତି ସେତେବେଳେ ବି ମୁଣ୍ଡ ଟେକିଥିଲେ। ତାଙ୍କ ସ୍ୱାଭିମାନର ପରିଭାଷାକୁ ବହୁ ବ୍ୟକ୍ତି ହୃଦୟଙ୍ଗମ କରିନପାରି ତାଙ୍କୁ ଅହଙ୍କାରୀ କହୁଥିଲେ, ପାଗଳ କହୁଥିଲେ। କିନ୍ତୁ ଏହି ପାଗଳାମୀ ଏହି ଅହଙ୍କାର କେବଳ ଓଡ଼ିଆ ଜାତିର ଉନ୍ନତିକଳ୍ପେ ଉଦ୍ଦିଷ୍ଟ ଥିଲା ଏକଥା ଲୋକେ ବହୁ ପଛରେ ବୁଝିଲେ। ସେ ନିଜ ଜୀବଦ୍ଦଶାରେ ଯାହା କରିଯାଇଛନ୍ତି ତାହା ଆଜି କଳ୍ପନା କଲେ ଆଚମ୍ବିତ ହେବାକୁ ପଡ଼େ। ଦଧିଚି ସଦୃଶ ସେ ଓଡ଼ିଆ ଜାତି ପାଇଁ ତିଳ ତିଳ କରି ନିଜକୁ ଦଗ୍ଧ କରିଥିଲେ। କିନ୍ତୁ ବାସ୍ତବରେ ଆମେ ସେହି ଅବଦାନର ମୂଲ୍ୟ ବୁଝିପାରିଛୁ କି ? ଆମେ କେବଳ ନିଜର ବ୍ୟକ୍ତିଗତ ସ୍ୱାର୍ଥ, ଉଚ୍ଚାକାଂକ୍ଷା, ଈର୍ଷା, ଦ୍ୱେଷ ଆଦିରେ ଘାଣ୍ଟି ହୋଇ ସାମୂହିକ ଉନ୍ନତିର କଥା ଭୁଲିଯାଉଛୁ। ହେଲେ ସେଥିପାଇଁ ଆମର ଲଜ୍ଜା କିମ୍ବା ଅନୁଶୋଚନା ନାହିଁ। ଆଜି ରାଜ୍ୟ ପାଇଁ କଣ କଲେ ଆମର ବିକାଶ ହୋଇପାରିବ, ରାଜ୍ୟର ସ୍ୱାଭିମାନ ରକ୍ଷା ହୋଇପାରିବ, ସମସ୍ତେ ଓଡ଼ିଶାକୁ ଏକ ସମ୍ମାନଜନକ ଦୃଷ୍ଟିରେ ଦେଖିବେ, ସେକଥା ସମ୍ଭବ କରିବା ଦିଗରେ କାହାରି ଉଦ୍ୟମ ନାହିଁ। ଯଦିବା କିଛିଲୋକ ଏ ଦିଗରେ ପ୍ରୟାସ କରୁଛନ୍ତି ସେମାନଙ୍କୁ ନା ଉପଯୁକ୍ତ ସମର୍ଥନ ମିଳୁଛି ନା ସୁବିଧା।

ଦୁଃଖର କଥା ହେଉଛି ଆଜିର ଓଡ଼ିଶା ଅତୀତର ଓଡ଼ିଶା ନୁହେଁ, ସମୟ କ୍ରମେ ଏଠାରେ ଅନେକ ପରିବର୍ତ୍ତନ ସଂଘଟିତ ହୋଇସାରିଛି। ବହୁ ସୁବିଧା ସୁଯୋଗ ମଧ ଉପଲବ୍ଧ। ତା ସତ୍ତ୍ୱେ ଆମେ ଆମର ଓଡ଼ିଆତ୍ୱ, ଆମ ଭାଷା, ସଂସ୍କୃତି, ବିକାଶ ପାଇଁ ମାର୍ଗ ସବୁକିଛି ଭୁଲିଯିବା ପରି ମନେହେଉଛି। ଆମେ ଅନୁକରଣପ୍ରିୟ ହୋଇ କେତେବେଳେ ଅନ୍ୟ ରାଜ୍ୟ ଅଥବା ବିଦେଶୀ ଢ଼ାଞ୍ଚାର ମାୟାରେ ପଡ଼ିଯାଉଛୁ ଆଉ ନିଜ ପରିଚୟ ଭୁଲିଯାଉଛୁ। ଯଦି ଜଣେ ବାସ୍ତବରେ ମଧୁବାବୁଙ୍କ ଜୀବନ ଏବଂ ତାଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରେ ତେବେ ସେ ସବୁ ଆଧୁନିକତା ଭିତରେ କିପରି ମୌଳିକତ୍ୱ ରକ୍ଷା କରାଯାଇପାରେ ଏବଂ ନିଜ ମାଟିର ବିକାଶକୁ ପ୍ରାଧାନ୍ୟ ଦିଆଯାଇପାରେ ସେ ସଂପର୍କରେ ପ୍ରକୃତ ମାର୍ଗଦର୍ଶନ ପାଇପାରିବ। ମଧୁବାବୁ ଏଇ ମାଟିରୁ ଉଠି ବଢ଼ିଥିଲେ, ଇଂରାଜୀ ଶିକ୍ଷା ପାଇଥିଲେ, କଲିକତା ଭଳି ବଙ୍ଗଳା ମୁଲକରେ ପାଠ ପଢ଼ିଥିଲେ, ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ, ବିଦେଶ ଯାଇଥିଲେ, ବିଦେଶୀ ଉଚ୍ଚଶିକ୍ଷା ପାଇଥିଲେ ଏବଂ ବିଦେଶୀ ଆଦବକାଇଦା ଚଳଣୀ ସବୁକିଛି ଶିଖି ସେଇ ଅନୁସାରେ ଚଳୁଥିଲେ ମଧ। କିନ୍ତୁ ସମାନ୍ତରାଳ ଭାବେ ସେ ଓଡ଼ିଆ ପଗଡ଼ି ବାନ୍ଧୁଥିଲେ, ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପାଇଁ ଦାବି କରୁଥିଲେ, ଓଡ଼ିଆଙ୍କ ପାଇଁ ଶକ୍ତିଶାଳୀ ବଙ୍ଗାଳୀ, ତେଲୁଗୁ ଗୋଷ୍ଠୀ ଏବଂ ଇଂରେଜ ସରକାରଙ୍କ ସହ ମୁକାବିଲା କରୁଥିଲେ। ଓଡ଼ିଆତ୍ୱ ପ୍ରତିପାଦନ କରୁଥିବା ଏଠାକାର ଜିନିଷକୁ ନେଇ ବ୍ୟବସାୟ ଆରମ୍ଭ କରିଥିଲେ। କ୍ଷତି ହେଲେ ବି ମାନ ସଂକ୍ରାନ୍ତରେ ବୁଝାମଣା କରୁନଥିଲେ, କାଳେ ଓଡ଼ିଆଙ୍କର ବଦନାମ ହେବ। ଆଜିକାଲି ଏସବୁ ପ୍ରତି କେହି ଧ୍ୟାନ ଦେଉଛନ୍ତି କି ? ଆମ ରାଜ୍ୟରେ ବିଦେଶମୁହାଁ ବିଦେଶୀ ଖିଆ ଲୋକ ଏବେ ମାଳମାଳ। ଓଡ଼ିଶା ଏବଂ ଓଡ଼ିଆ ଏବେ ସେମାନଙ୍କ ପାଇଁ ଏକ ଘୃଣ୍ୟ ଶବ୍ଦ। ଓଡ଼ିଆ ଭାଷାକୁ ଚୁଲିକୁ ଗଲାଣି, ସ୍ୱୟଂ ରାଜ୍ୟର ମୁଖିଆ ଧାଡ଼ିଏ ଓଡ଼ିଆ କହିବା କଷ୍ଟକର। ସେପଟେ ସୀମାନ୍ତ ଅଞ୍ଚଳକୁ ଅନ୍ୟରାଜ୍ୟ ଖାଇଗଲେଣି, ତା ପ୍ରତି କାହାରି ନିଘା ନାହିଁ। ଯାହା ବି ପ୍ରତିବାଦ କରାଯାଉଛି ଯେ ତାହା ଏତେ କ୍ଷୀଣ ଏବଂ ବିଳମ୍ବିତ ଯେ ସେଥିରୁ ଫାଇଦା କିଛି ମିଳୁନି। ଓଡ଼ିଶାକୁ ଏବେ ଲୁଟେରାଙ୍କ ଭୂସ୍ୱର୍ଗରେ ପରିଣତ କରାଯାଇଛି, ଏଠାକାର ଉଦ୍ୟୋଗୀଙ୍କ ପାଇଁ ପ୍ରୋତ୍ସାହନ ଶୂନ। ସମସ୍ତେ ସ୍ୱାର୍ଥପର ଯାତ୍ରୀ, ସ୍ୱାର୍ଥମେଧ ଯଜ୍ଞରେ ଆହୂତି ଦେବା କାହାଦ୍ୱାରା ସମ୍ଭବ ନୁହେଁ। ଏଭଳି କ୍ଷେତ୍ରରେ ଆମେ ମଧୁବାବୁଙ୍କ ସ୍ତୁତିଚାରଣ କରିବା ପାଇଁ କେତେଦୂର ଯୋଗ୍ୟ ସେ ସଂପର୍କରେ ବିଚାର କରିବା ଉଚିତ । ଓଡ଼ିଶା ଠାରୁ ସୁଦୂର କିଛି ବାଟ ପରେ ଝାଡ଼ଖଣ୍ଡର ଟାଟା ନଗରରେ ଓଡ଼ିଆପ୍ରେମୀମାନେ ଏହି ଦିବସରେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ମଧବାବୁ ବିକଳ ହୋଇ ମାଆକୁ ଖୋଜିଥିଲେ, ଭାଇକୁ ଖୋଜିଥିଲେ, କାହାଠୁ ଉତ୍ତର ପାଇନଥିଲେ। ଆଜି ମଧ ଆମେ ତାଙ୍କୁ ଉତ୍ତର ଦେବା ସ୍ଥିତିରେ ନାହୁଁ ।

ପ୍ରତିଷ୍ଠାତା ସମ୍ପାଦକ ‘ସିଂହଭୂମ’, ୪ଜି ପ୍ରତାପ ଆପାର୍ଟମେଣ୍ଟ ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

॥ ସୌମେନ୍ଦ୍ର ଜେନା ॥

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ଚୋରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ। ୨୧ ସେପ୍ଟେମ୍ବର ୨୦୧୮ରେ ‘ଦାଫେଙ୍ଗ୍ କାଓ’ ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା ।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗଫେଙ୍ଗ-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା ।

## ସ୍କୁଲ ପିଲାଙ୍କ କ୍ଲାସରୁମରେ ଏବେ ଚୁନାବ ପାଠଶାଳା ମାଲକାନଗିରିରେ ଭୋଟରଙ୍କୁ ସଚେତନ କରୁଛି ଜିଲ୍ଲା ପ୍ରଶାସନ



ମାଲକାନଗିରି,(ମହାଭାରତ): ଆଗାମୀ ନିର୍ବାଚନକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ମାରାଥନ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଜି ଜିଲ୍ଲାର ବିଭିନ୍ନ ବ୍ଲକରେ ବଡ଼ ଧରଣର ସମୀକ୍ଷା ବୈଠକ ସହ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।୧୪୭-ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଇଆରଓ ସୋମନାଥ ପ୍ରଧାନ ଙ୍କ ଅଧକ୍ଷତାରେ ମାଥିଲି ବ୍ଲକଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଭୋଟର ତାଲିକାଭୁକ୍ତ ଫର୍ମ ବଣ୍ଟନ ଓ ସ୍ପେଶାଲ ଇନଫରମେସନ ରେଜିଷ୍ଟ୍ରେସନର ଅଗ୍ରଗତି ସମୀକ୍ଷା କରାଯିବା ସହ କ୍ଷେତ୍ର କର୍ମଚାରୀଙ୍କ ସମସ୍ତ ସନ୍ଦେହ ଦୂର ପାଇଁ ଏକ ଡ଼ାଉଟ୍ କ୍ଲିଓର ସେସନ୍ କରାଯାଇଥିଲା। ଏହି ବୈଠକରେ ମାଥିଲି ବିଡିଓ, ସହକାରୀ ଜିଲ୍ଲାପାଳ ନିର୍ବାଚନ ଓ ନୋଡାଲ ଅଫିସରମାନେ ସାମିଲ ଥିଲେ। ଅନ୍ୟପଟେ ଚିତ୍ରକୋଣ୍ଡା ବ୍ଲକରେ ନିର୍ବାଚନ କାର୍ଯ୍ୟରେ ଅବହେଳାକୁ ବରଦାସ୍ତ କରାଯାଇନାହିଁ। ଯେଉଁ ବୁଥ ସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରମାନଙ୍କର ପ୍ରଦର୍ଶନ ୫୦ ପ୍ରତିଶତରୁ କମ୍ ରହିଥିଲା, ସେମାନଙ୍କୁ ନେଇ ଚିତ୍ରକୋଣ୍ଡା ବିଡିଓ, ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ଏକ କଡ଼ା ଆଭିମୁଖ୍ୟ ସହ ସମୀକ୍ଷା କରିଛନ୍ତି ।

## ଗଣିଆ ପୋଲିସ ପକ୍ଷରୁ ଗାଡ଼ି ଚାଳକଙ୍କୁ ସଚେତନତା ଅଭିଯାନ



ଗଣିଆ,(ମହାଭାରତ) : ସଡ଼କ ଦୁର୍ଘଟଣା ରୋକିବା ଏବଂ ସୁରକ୍ଷିତ ଯାତ୍ରା ନିଶ୍ଚିତ କରିବା ଲକ୍ଷ୍ୟରେ ଏ ଏସ ଆଇ ସାହାଆଲମ ଖାଁଙ୍କ ନେତୃତ୍ୱ ରେ ଗଣିଆ ପୋଲିସ ପକ୍ଷରୁ ଏକ ବିଶେଷ ଗାଡ଼ି ଚାଳକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛିଫ ଗଣିଆ ଥାନା ଅଧୀନରେ ଥିବା ମୁଖ୍ୟ ରାସ୍ତାରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ମିଳିତ ଭାବେ ବିଭିନ୍ନ ଯାନବାହନ, ବିଶେଷ କରି ମାଲବାହୀ ଟ୍ରକ୍ ଏବଂ ବଡ଼ ଗାଡ଼ିଗୁଡ଼ିକୁ ଅଟକାଇ ଚାଳକମାନଙ୍କୁ ସଡ଼କ ସୁରକ୍ଷା ନିୟମ ବିଷୟରେ ବୁଝାଇଥିଲେ। ଏହି ଅଭିଯାନ ସମୟରେ ପୋଲିସ ପକ୍ଷରୁ ଗାଡ଼ି ଚାଳକମାନଙ୍କୁ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ସଚେତନ କରାଯାଇଥିଲା । ଗାଡ଼ିକୁ ସର୍ବଦା ନିୟନ୍ତ୍ରିତ ଓ ନିର୍ଦ୍ଧାରିତ ବେଗରେ ଚଳାଇବାକୁ ପରାମର୍ଶ ଦିଆଯାଇଥିଲା। ମଦ୍ୟପାନ କରି କିମ୍ବା କୌଣସି ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ଗାଡ଼ିର ସମସ୍ତ ବୈଧ କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ ଏବଂ ଫିଟନେସ୍ ସାର୍ଟିଫିକେଟ୍ ସାଙ୍ଗରେ ରଖିବାକୁ କୁହାଯାଇଥିଲା। ରାସ୍ତାରେ ଥିବା ବିଭିନ୍ନ ସଙ୍କେତ ଏବଂ ଟ୍ରାଫିକ୍ ନିୟମକୁ ସଠିକ୍ ଭାବେ ମାନିବାକୁ ଅନୁରୋଧ କରାଯାଇଥିଲା। ଗଣିଆ ପୋଲିସର ଏହି ଜନହିତକର ପ୍ରୟାସକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ବେଶ୍ ପ୍ରଶଂସା କରିଛନ୍ତି। ଏଭଳି ସଚେତନତା ଦ୍ୱାରା ଆଗାମୀ ଦିନରେ ସଡ଼କ ଦୁର୍ଘଟଣା ଅନେକାଂଶରେ ହ୍ରାସ ପାଇବ ବୋଲି ଆଶା ପ୍ରକାଶ ପାଇଛି।

## ଲାଞ୍ଜିଗଡ଼ ମାଁ ମାଣିକେଶ୍ୱରୀ ପୂଜାରୀ ସଂଘର ବୈଠକ



ଲାଞ୍ଜିଗଡ(ମହାଭାରତ):କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ମାଁ ମାଣିକେଶ୍ୱରୀ ପୂଜାରୀ ମହାସଂଘ ପକ୍ଷରୁ ଆଜି ମୂଷାନାଲ ଭୈରବ ମନ୍ଦିର ପରିସରରେ ସଂଘ ସଭାପତି ଜମ୍ଭେଶ୍ୱର ପୂଝାରୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାୟଗଡା ଜିଲ୍ଲା ବୈଦ୍ୟ ସଂଘ ଜିଲ୍ଲା ସମ୍ପାଦକ ମାଧବ ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁରେଶ ମାଳ ଦୋରା ଯୋଗଦେଇ ସଂଘ କେମିତି ସୁଦୃଢ ରହିବ ଓ ସଂଘରେ କେମିତି ନୂତନ ମେମ୍ବର ଯୋଡ଼ିବେ ସେନେଇ ଦିଗଦର୍ଶନ ଦେଇଥିଲେ। ସେହିପରି ସଂଘ ସଭାପତି ଜମ୍ଭେଶ୍ୱର ପୂଝାରୀ ଓ ସମ୍ପାଦକ ସରୋଜ ମାଝୀ ଅଭିଭାଷଣ ରଖିଥିବା ବେଳେ ଲାଞ୍ଜିଗଡ଼ ବ୍ଲକର ଶତାଧିକ ବୈଦ୍ୟ,ପୂଜକ ଓ ପୁଜାରିଣୀ ଯୋଗଦେଇ ଥିଲେ। ସର୍ବ ପ୍ରଥମେ ସଂଘ ପକ୍ଷରୁ କଳାହାଣ୍ଡି ଇଷ୍ଟ ଦେବି ମାଁ ମାଣିକେଶ୍ୱରୀଙ୍କ ଫୋଟୋ ଚିତ୍ରରେ ପୂଜାର୍ଚ୍ଚନା ସହିତ ପୁଷ୍ପମାଲ୍ୟ ଅର୍ପଣ କରି କେମିତି ସଂଘ ଚିରଦିନ ପାଇଁ ସୃଦୃଢ଼ ରହିବ ସେନେଇ ପ୍ରାର୍ଥନା କରିଥିଲେ ସଂଘର ସମସ୍ତ ସଦସ୍ୟ।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ




ଲକ୍ଷ୍ମୀପୁର,(ମହାଭାରତ) : କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଅଞ୍ଚଳରେ ଜଣେ ଯୁବକଙ୍କୁ ଛୁରାମାଡ଼ ଘଟଣାକୁ କେନ୍ଦ୍ର କରି ରବିବାର ଉତ୍ତେଜନାମୟ ପରିସ୍ଥିତି ସୃଷ୍ଟି ହୋଇଛି। ଅଭିଯୁକ୍ତଙ୍କ ଶୀଘ୍ର ଗିରଫ ଦାବିରେ ସ୍ଥାନୀୟ ଲୋକେ ମୁଖ୍ୟ ରାସ୍ତା ତଥା ୩୨୬ ନଂ ଜାତୀୟରାଜ ପଥ ଅବରୋଧ କରି ଟାୟାର ଜାଳି ପ୍ରତିବାଦ କରିଥିଲେ। ଫଳରେ କିଛି ସମୟ ପାଇଁ ଯାତାୟାତ ବ୍ୟବସ୍ଥା ବିଘ୍ନିତ ହୋଇଥିଲା। ସୂଚନା ଅନୁଯାୟୀ, ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ବଡ ଶଙ୍ଖା ଗ୍ରାମର ବିଟୁ ନାମକ ଜଣେ ଯୁବକଙ୍କୁ ଗତକାଲି ଲକ୍ଷ୍ମୀପୁର ସ୍ଥିତ ଲେଲି ସାଇର କିଛି ଯୁବକ ଛୁରାମାଡ଼ କରିଥିବା ଅଭିଯୋଗ ହୋଇଛି। ଆହତ ବିଟୁ ପେଶାରେ ଜଣେ ଡ୍ରାଇଭର ବୋଲି ଜଣାପଡ଼ିଛି। ଘଟଣା ପରେ ତାଙ୍କୁ ପ୍ରଥମେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ଅଧିକ ଚିକିତ୍ସା ପାଇଁ କୋରାପୁଟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଏହି ଘଟଣାର ଖବର ପ୍ରଚାର ପାଇବା ପରେ ଗ୍ରାମବାସୀ ଓ ଆଦିବାସୀ ସମାଜର ଶତାଧିକ ଲୋକ ଏକତ୍ରିତ ହୋଇ ଅଭିଯୁକ୍ତଙ୍କ ଦୋକାନ ଭାଙ୍ଗିଥିବା ଜଣାପଡ଼ିଛି। ପରେ ଲୋକେ ଲକ୍ଷ୍ମୀପୁର ମୁଖ୍ୟ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରି ନ୍ୟାୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ଲାଗିପଡ଼ିଛି। ଲକ୍ଷ୍ମୀପୁର ଏସଡିପିଓ ଓ ଆଇଆଇସିଙ୍କ ସହ ବ୍ୟାପକ ପୋଲିସ ବଳ ମୁତୟନ କରାଯାଇଥିବା ବେଳେ ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରାଯାଉଛି। ତେବେ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଏବେ ମଧ୍ୟ ଚାପା ଉତ୍ତେଜନା ଲାଗି ରହିଛି।

## ବସଷ୍ଟାଣ୍ଡ ଭିତରେ ବିପଦ ସଙ୍କୁଳ ଅବସ୍ଥାରେ ଶୁଖିଲା ଗଛ



ଗଣିଆ(ମହାଭାରତ):ଗଣିଆ ବସଷ୍ଟାଣ୍ଡ ପରିସର ମଧ୍ୟରେ ଦୁଇଟି ଶୁଖିଲା ଗଛ ଏବେ ସ୍ଥାନୀୟ ଲୋକ ଓ ଯାତ୍ରୀମାନଙ୍କ ପାଇଁ 'ମରଣଯନ୍ତା' ପାଲଟିଛି। ଗଛ ଦୁଇଟି ସମ୍ପୂର୍ଣ୍ଣ ରୂପେ ଶୁଖିଯାଇ ମୃତ ଅବସ୍ଥାରେ ଠିଆ ହୋଇଥିବାରୁ, ଏହା ଯେକୌଣସି ସମୟରେ ଭାଙ୍ଗି ପଡ଼ି ଏକ ବଡ଼ ଧରଣର ଅଘଟଣ ଘଟାଇବାର ଆଶଙ୍କା ସୃଷ୍ଟି କରିଛି। ଏହି ବସଷ୍ଟାଣ୍ଡକୁ ପ୍ରତିଦିନ ଯାତ୍ରୀ, ଗାଡ଼ି ଚାଳକ ଏବଂ ସ୍ଥାନୀୟ ଲୋକେ ଆସିଥାନ୍ତି। ଗଛତଳେ ଲୋକମାନେ ଯାତାୟାତ ସହ ଅନେକ ସମୟରେ ଗାଡ଼ି ମଧ୍ୟ ପାର୍କିଂ କରାଯାଉଛି। ବିଭିନ୍ନ ସମୟରେ କାଳବୈଶାଖୀ ଯୋଗୁଁ ଶୁଖିଲା ଡାଳ ଭାଙ୍ଗି ଲୋକଙ୍କ ଉପରେ ପଡ଼ିବାର ସମ୍ପୂର୍ଣ୍ଣ ସମ୍ଭାବନା ରହିଛି। ଗୋଟିଏ ଗଛର ଡାଳ ଏକ କୋଠା ଆଡ଼କୁ ଢଳି ରହିଥିବାରୁ ତାହା ଅଧିକ ବିପଜ୍ଜନକ ମନେହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗଛ ଦୁଇଟି ଦୀର୍ଘ ଦିନ ହେବ ଏଭଳି ଶୁଖିଲା ଓ ଦୁର୍ବଳ ଅବସ୍ଥାରେ ରହିଛି। କୌଣସି ଧନଜୀବନ ହାନି ହେବା ପୂର୍ବରୁ ପ୍ରଶାସନ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବା ଜରୁରୀ ଏବଂ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ଏହି ବିପଦ ସଙ୍କୁଳ ଶୁଖିଲା ଗଛ ଦୁଇଟିକୁ କଟାଯିବାର ନିମନ୍ତେ ଅଞ୍ଚଳ ବାସୀ ଙ୍କ ପକ୍ଷରୁ ଦାବୀ ହେଉଅଛି ।

## ବାଘ ଚମଡା ଜବତ : ଦୁଇ ଗିରଫ




ପାତ୍ରପୁର(ମହାଭାରତ) : ବ୍ରହ୍ମପୁର ପୋଲିସ ଜିଲ୍ଲା ଜରଡା ଥାନା ଇଲାକାରେ ଦୁଇଟି କଲରାପତରିଆ ବାଘ ଛାଲ, ଦୁଇଟି ଜିବନ୍ତ ହାତ ତିଆରି ଅଫୁଟା ବୋମା ସହ ଗୋଟିଏ ଖଣ୍ଡା ଜରଡା ପୋଲିସ ଜବତ କରି ଦୁଇ ବନ୍ୟଜନ୍ତୁ ଶିକାରୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ପୋଲିସ ସୁତ୍ରରୁ ପ୍ରକାଶ ପାଇଛି। ଗିରଫ ଅଭିଯକ୍ତ ମାନେ ହେଲେ ଜରଡା ଥାନା ଅନ୍ତର୍ଗତ ବୁରାତାଲ ଗ୍ରାମର ବିର ଜମାଦାର ଏବଂ ଗଜପତି ଜିଲ୍ଲା ରାମଗିରି ଥାନା ଇଲାକା ବଡ଼ଗାଁ ଗ୍ରାମର କେଶବ ଜମାଦାର ବୋଲି ଜଣାପଡିଛି।ସୂଚନା ପ୍ରକାରେ ଶନିବାର ଦିନ ପ୍ରାୟ ୦୧. ୧୦ ମିନିଟ ସମୟରେ କୌଣସି ସୁତ୍ରରୁ ଜରଡା ଥାନା ପୋଲିସ ଏସ୍.ଆଇ ଦୁର୍ଯ୍ୟଧନ ନାୟକ ଏବଂ ତାଙ୍କ ଟିମ୍ ଖବର ପାଇ ଜରଡା ଥାନା ଅନ୍ତର୍ଗତ ବୁରାତାଲ ଅଞ୍ଚଳକୁ ପହଞ୍ଚିଥିଲେ , ପୋଲିସ କୁ ଦେଖି ଦୁଇ ବନ୍ୟଜନ୍ତୁ ଶିକାରୀ ଜଙ୍ଗଲ ଭିତରକୁ ଦୌଡିଥିଲେ। ସେହି ସମୟରେ ଏସ୍ ଆଇ ଦୁର୍ଯ୍ୟଧନ ନାୟକ ବନ୍ୟଜନ୍ତୁ ଶିକାରୀ ମାନଙ୍କୁ ଧରିବା ପାଇଁ ତାଙ୍କ ପିଛା କରିଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଖଣ୍ଡା ବୁଲାଇ ପୋଲିସ କୁ ଭୟଭୀତ କରିଥିଲେ । ବହୁ ସମୟ ଧରପଗଡ ପରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସଫଳ ହୋଇଥିଲା ।ଘଟଣାସ୍ଥଳରୁ ଅଭିଯୁକ୍ତମାନଙ୍କ ବ୍ୟାଗ୍ ତଲାସୀ ସମୟରେ ଏକ ପାଟ୍ ବ୍ୟାଗ ଉଦ୍ଧାର କରାଯାଇଥିଲା ଯେଉଁଥିରେ ଦୁଇଟି କଲରାପତରିଆ ବାଘର ପୂର୍ଣ୍ଣ ଆକାରର ଚମଡ଼ା ଏବଂ ଦୁଇଟି ଜୀବନ୍ତ ହାତ ତିଆରି ବୋମା ଥିଲା। ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ସେମାନଙ୍କ ନିକଟରୁ ମିଳିଥିଲା। ଏ ନେଇ ଜରଡା ଥାନା ପକ୍ଷରୁ କେସ ନଂ ୧୮୬/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ବ୍ରହ୍ମପୁର ପୋଲିସ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ମିଳିଛି। ଜରଡା ପୋଲିସ ବନ୍ୟଜନ୍ତୁ ଶିକାରୀ ଧରିବାର ସଫଳ କୁ ନେଇ ବିଭିନ୍ନ ବୁଦ୍ଧିଜିବି ମହଲରେ ଚର୍ଚ୍ଚା ହେଉଥିବା ଜଣାପଡ଼ିଛି।

## ସଂକୁଳ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍ଯାପିତ

ପାରଳାଖେମୁଣ୍ଡି(ମହାଭାରତ):ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଗତ ୪ତାରିଖରୁ ଆରମ୍ଭ ହୋଇ ତିନି ଦିନ ଧରି ଚାଲିଥିବା ସଂକୁଳ ଆଚାର୍ଯ୍ୟ କାର୍ଯ୍ୟଶାଳା ଆଜି ସମାପ୍ତ ହୋଇଯାଇଛି।ଏଇ କାର୍ଯ୍ୟଶାଳାରେ ଜିଲ୍ଲାର ରାୟଗଡ଼, ରାମଗିରି, ନାରାୟଣପୁର, ନୂଆଗଡ଼, ରା ଉଦୟଗିରି ଓ ପାରଳାଖେମୁଣ୍ଡି ସ୍ଥିତ ଶିଶୁ ମନ୍ଦିର ମାନଙ୍କରେ ସେବାରତ ୬୦ ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ମାନେ ଯୋଗ ଦେଇଥାଲେ। ପାରଳାଖେମୁଣ୍ଡି ପୌରପାଳିକାର ପୌରାଧକ୍ଷା ଶ୍ରୀମତୀ ନିର୍ମଳା ସେଠୀ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ଏବଂ ଶ୍ରୀ ଗୌରାଙ୍ଗ ପାଣିଗ୍ରାହୀ ସମାରୋପ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ବିଚାର ବ୍ୟକ୍ତ କରିଥିଲେ।ଏଇ ତିନିଦିନିଆ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ସୁବାଷ ଜମାଦାର ,ଉପସଭାପତି ସଞ୍ଜୟ ଜେନା ,ସଂପାଦକ ଚନ୍ଦ୍ରଶେଖର ପଟ୍ଟନାୟକ,କୋଷାଧକ୍ଷ ପ୍ରମୋଦ ଚନ୍ଦ୍ର ପାଢ଼ୀ,ସଦସ୍ୟା ଶ୍ରୀମତୀ ସରିତା ପାଣିଗ୍ରାହୀ ଓ ସବିତା ଗମାଙ୍ଗ ଯୋଗ ଦେଇ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଶ୍ରୀ ହରିନାଥ ପାତ୍ର,ଶ୍ରୀ ମନୋଜ କୁମାର ପଣ୍ଡା, ଜନ୍ମେଜୟ ସାହୁ ,ପୂଜ୍ୟ ରାମାନନ୍ଦ ଦାସଜୀ, ଅନାଦି ପାଣିଗ୍ରାହୀ ଇତ୍ୟାଦି ଯୋଗ ଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ଦିଗ୍ ଦର୍ଶନ ଦେଇ ଥିଲେ।ଅନୁଷ୍ଠାନର ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧ୍ୟ କାର୍ଯ୍ୟଶାଳାର ସଫଳତାରେ ସହଯୋଗ କରିଥିଲେ।ପାରଳାଖେମୁଣ୍ଡି ସଂକୁଳର ପ୍ରମୁଖ ଶ୍ରୀ ପ୍ରମୋଦ କୁମାର ରଥ ଓ ସଂଯୋଜକ ସରୋଜ କୁମାର ପଣ୍ଡାଙ୍କ ସଂଯୋଜନାରେ କାର୍ଯ୍ୟଶାଳା ପରିଚାଳିତ ହୋଇଥିଲା।ଶିକ୍ଷା ବିକାଶ ସମିତିଙ୍କ ନିର୍ଦ୍ଦେଶନା ଓ ଅନୁଷ୍ଠାନର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ପ୍ରଶିକ୍ଷଣଟି ସମ୍ପନ୍ନ ହୋଇଥିଲା।

## ତିନିଦିନିଆ ସାନ୍ତାଳୀ ଅଲଚିକି ପରୀକ୍ଷା ଶେଷ, ୧୯୧ ପରୀକ୍ଷାର୍ଥୀଙ୍କ ଅଂଶଗ୍ରହଣ



କରଞ୍ଜିଆ(ମହାଭାରତ): ସାନ୍ତାଳୀ ଜାତିର ନିଜସ୍ୱ ଲିପି ଅଲଚିକିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଆୟୋଜିତ ତିନିଦିନିଆ ଅଲଚିକି ପରୀକ୍ଷା ଆଜି ସଫଳତାର ସହିତ ଶେଷ ହୋଇଛି। ଆଦିବାସୀ ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନ, ରାଇରଙ୍ଗପୁର ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଗତ ୫ ଜୁନରୁ ଆରମ୍ଭ ହୋଇ ୭ ଜୁନରେ ଉଦଯାପନ ହୋଇଛି। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେନ୍ଦୁଜିଆଣି ପଞ୍ଚାୟତର ଲକ୍ଷ୍ମୀନାରାୟଣ ନୂତନ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ତିନିଦିନ ଧରି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସାନ୍ତାଳୀ ଭାଷା ଓ ଅଲଚିକି ଲିପି ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବାର ପ୍ରମାଣ ସ୍ୱରୂପ ଏହି ପରୀକ୍ଷାରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ ଓ ସ୍ନାତକ ସ୍ତରର ମୋଟ ୧୯୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।ପରୀକ୍ଷାର ସୁଚାରୁ ପରିଚାଳନା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ଟୁଡୁ ନେତୃତ୍ୱ ଗ୍ରହଣ କରିଥିଲେ। କେନ୍ଦ୍ର ପର୍ଯ୍ୟବେକ୍ଷକ ଭାବେ ଉଦୟନାଥ ମୁର୍ମୁ ଏବଂ ଉପ-ପର୍ଯ୍ୟବେକ୍ଷକ ଭାବେ କରୁଣାକର ହେମ୍ବ୍ରମ ଦାୟିତ୍ୱ ନିର୍ବାହ କରିଥିଲେ। ସେମାନଙ୍କ ତତ୍ତ୍ୱାଧାନରେ ପରୀକ୍ଷା ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ପରିବେଶରେ ସମ୍ପନ୍ନ ହୋଇଥିଲା।ପରୀକ୍ଷା ପରିଚାଳନାରେ ଭାଷା ଶିକ୍ଷକ ଲାଲମୋହନ ମୁର୍ମୁ, ଠାକୁରଦାସ ହାଁସଦା, ଝାନମୁନି ମାର୍ଣ୍ଡୀ, ଗୌରୀମଣି ଟୁଡୁ, ମାଳତୀ ମାର୍ଣ୍ଡୀ ଓ ଅନନ୍ତ ମୁର୍ମୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ସେମାନଙ୍କ ଉଦ୍ୟମରେ ପରୀକ୍ଷାର୍ଥୀମାନେ ସୁବିଧାଜନକ ପରିବେଶରେ ପରୀକ୍ଷା ଦେଇପାରିଥିଲେ।ଏହି ପରୀକ୍ଷାର ଏକ ବିଶେଷ ଆକର୍ଷଣ ଥିଲେ କେନ୍ଦୁଜିଆଣି ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁର୍ଗୀ ମାର୍ଣ୍ଡୀ। ୪୮ ବର୍ଷ ବୟସରେ ସେ ଅଲଚିକି ପରୀକ୍ଷାରେ ଅଂଶଗ୍ରହଣ କରି ସମାଜ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ସୃଷ୍ଟି କରିଛନ୍ତି। ବୟସ କେବେ ବି ଶିକ୍ଷା ଗ୍ରହଣରେ ବାଧକ ନୁହେଁ ବୋଲି ସେ ପ୍ରମାଣ କରିଛନ୍ତି। ତାଙ୍କର ଏହି ପଦକ୍ଷେପକୁ ଉପସ୍ଥିତ ଶିକ୍ଷକ, ପରୀକ୍ଷାର୍ଥୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଉଚ୍ଚ ପ୍ରଶଂସା କରିଛନ୍ତି।ଅଲଚିକି ଲିପି ସାନ୍ତାଳୀ ଭାଷାର ପରିଚୟ ଓ ଐତିହ୍ୟର ପ୍ରତୀକ ହୋଇଥିବାବେଳେ ଏଭଳି ପରୀକ୍ଷା ମାଧ୍ୟମରେ ନୂତନ ପିଢ଼ି ମଧ୍ୟରେ ମାତୃଭାଷା ପ୍ରତି ଆଗ୍ରହ ସୃଷ୍ଟି ହେଉଛି।

## ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ଜୁନାଗଡ:କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦେଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ ମାଧ୍ୟମରେ ରିମୋଟ ବଟନ ଦବାଇ ରାଜ୍ୟର ବିଭିନ୍ନ ସ୍ଥାନ ସହିତ ଏହି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ। ଗତବର୍ଷ ଜୁନାଗଡ଼ ବ୍ଲକର ଦୁଇଟି ବିଦ୍ୟାଳୟକୁ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରାଯାଇଥିବା ବେଳେ ଚଳିତ ବର୍ଷ ଦେଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ଦ୍ୱାରା ଅଞ୍ଚଳର ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷା ଭିତ୍ତିଭୂମି, ଆଧୁନିକ ସୁବିଧା ଓ ଉତ୍ତମ ଶିକ୍ଷା ପରିବେଶ ପାଇବାର ସୁଯୋଗ ଲାଭ କରିବେ ବୋଲି ଆଶା ପ୍ରକାଶ ପାଇଛି।

## ସ୍ୱାଭିମାନ ଅଞ୍ଚଳରେ ଜାଫ୍ରା ନର୍ସରୀ ପରିଦର୍ଶନ କଲେ ଜିଲ୍ଲାପାଳ



ମାଲକାନଗିରି,(ମହାଭାରତ): ଆଜି ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ପପୁଲୁର ଗ୍ରାମପଞ୍ଚାୟତର ନାଗଲୁର ଗ୍ରାମରେ ଅବସ୍ଥିତ ଜାଫ୍ରା ନର୍ସରୀ ପରିଦର୍ଶନ କରିଥିଲେ। ଏହି ନର୍ସରୀକୁ ଆଇଟିଡିଏ ମାଲକାନଗିରି ପକ୍ଷରୁ ସେତୁ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟାନ୍ୱୟନ କରାଯାଇଛି। ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳରେ ମୋଟ ୩ଟି ଜାଫ୍ରା ନର୍ସରୀ ସ୍ଥାପିତ ହୋଇଥିବାବେଳେ ସେଥିରେ ପ୍ରାୟ ୮ ଲକ୍ଷ ଚାରା ଉତ୍ପାଦନ କ୍ଷମତା ରହିଛି।ଜିଲ୍ଲାପାଳ ନର୍ସରୀରେ ଚାରାଗୁଡିକର ସ୍ଥିତି ଓ ରକ୍ଷଣାବେକ୍ଷଣ ଦେଖି ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିଥିଲେ। ଏହି ପରିଦର୍ଶନ ଦଳରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ହଳଧର ଶବର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅନିଲ ପ୍ରହରାଜ ଏବଂବପ୍ରକଳ୍ପ ପରିଚାଳକ ଆଇଟିଡିଏ ବିଶ୍ୱନାଥ ମିଶ୍ର ଉପସ୍ଥିତ ଥିଲେ।ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଖାଲ ଖୋଳା ଓ ଚାରା ରୋପଣ କାର୍ଯ୍ୟ ସମୟସୀମା ମଧ୍ୟରେ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାଫ୍ରା ଚାଷୀମାନଙ୍କ ଠାରୁ ଜାଫ୍ରା ମଞ୍ଜି ସଠିକ ଭାବେ କ୍ରୟ ଓ ବିପଣନ ପାଇଁ ଏକ ଜାଫ୍ରା ମଣ୍ଡି ସ୍ଥାପନ କରିବାକୁ ପ୍ରକଳ୍ପ ପ୍ରଶାସକ ଆଇଟିଡିଏଙ୍କୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।ପପୁଲୁର ଗ୍ରାମପଞ୍ଚାୟତର ସ୍ଥାନୀୟ ଲୋକମାନେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ପାନୀୟ ଜଳ ଓ ଜଳସେଚନ ସୁବିଧା ପାଇଁ ଗ୍ରାଭିଟି ଭିତ୍ତିକ ପାଇପ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଏହା ସହିତ ସେମାନେ ଏଫଆରଏ ପଟ୍ଟା ପ୍ରଦାନ ସମ୍ପର୍କରେ ମଧ୍ୟ ଦାବି ଉଠାଇଥିଲେ। ଏହାର ଉତ୍ତରରେ ଜିଲ୍ଲାପାଳ ୭୫ ବର୍ଷରୁ ଅଧିକ ସମୟ ଧରି ଦଖଲରେ ଥିବା ଜମି ସମ୍ବନ୍ଧୀୟ ତଥ୍ୟ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ।କୋଣ୍ଡା ରେଡ୍ଡି ସମ୍ପ୍ରଦାୟର ଲୋକମାନେ ଜାଫ୍ରା ଚାଷ ମାଧ୍ୟମରେ ଜୀବିକା ନିର୍ବାହ କରିବା ପାଇଁ ସମ୍ମତି ପ୍ରକାଶ କରିଥିବା ସହ ଯଦି ଜାଫ୍ରା ଚାଷ ପାଇଁ ସହଯୋଗ ମିଳେ ତେବେ ଗଞ୍ଜେଇ ଚାଷ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ।ପରିଦର୍ଶନ ଶେଷରେ ଜିଲ୍ଲାପାଳ ଜାଫ୍ରା ଚାଷୀ ଓ ହିତାଧିକାରୀମାନଙ୍କ ସହ ଗ୍ରୁପ ଫଟୋ ଉଠାଇଥିଲେ ଏବଂ ଏହି ପ୍ରୟାସ ପ୍ରତି ସନ୍ତୋଷ ପ୍ରକାଶ କରି ସ୍ଥାନୀୟ ଲୋକଙ୍କୁ ସକ୍ରିୟ ଭାଗିଦାରି ପାଇଁ ଉତ୍ସାହିତ କରିଥିଲେ।

## ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ମଦ ପିଆଇ ଗଣଦୁଷ୍କର୍ମ ବାନ୍ଧବୀର ସହାୟତାରେ ୩ ଯୁବକ କଲେ ଏଭଳି କାଣ୍ଡ

ନୂଆଦିଲ୍ଲୀ: ସାଙ୍ଗ ସାଜିଲା ବଇରୀ । ସ୍ୱାର୍ଥ ପାଇଁ ନିଜ ବାନ୍ଧବୀକୁ ୩ ଯୁବକଙ୍କୁ ଟେକିଦେଲା କପଟୀ ସାଙ୍ଗ । ପଶ୍ଚିମବଙ୍ଗର ଦୁର୍ଗାପୁରରେ ଜଣେ ୧୪ ବର୍ଷୀୟା ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ସହ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ଅଭିଯୋଗ ଅନୁଯାୟୀ, ପୀଡ଼ିତାଙ୍କ ବାନ୍ଧବୀ ସିମରନ ତମାଙ୍ଗ ତାଙ୍କୁ ଘରୁ ଡାକି ନେଇଥିଲେ । ପରେ ଏକ ଚାରିଚକିଆ ଗାଡ଼ିରେ ତାଙ୍କୁ ନିଶା ମିଶା ମଦ ପିଆଇ ଅଚେତ କରାଯାଇଥିଲା । ଅଚେତ ଅବସ୍ଥାରେ ଛାତ୍ରୀଙ୍କୁ ଦୁର୍ଗାପୁର ସିଟି ସେଣ୍ଟର ସ୍ଥିତ ଏକ ହୋଟେଲକୁ ନିଆଯାଇଥିଲା । ସେଠାରେ ରାଜ ମଲ୍ଲିକ, ଶେଖ ଅଜାରୁଦ୍ଦିନ ଓ ଅନ୍ୟ ସହଯୋଗୀମାନେ ମିଶି ତାଙ୍କ ସହ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଘଟଣା ପରେ ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ବୁଦବୁଦ ବାଇପାସ୍ ? ନିକଟରେ ଗୁରୁତର ଅବସ୍ଥାରେ ଫୋପାଡ଼ି ପଳାଇ ଯାଇଥିଲେ । ଶନିବାର ରାତି ପ୍ରାୟ ୧୦:୩୦ ସମୟରେ ଜଣେ ଇ-ରିକ୍ସା ଚାଳକ ତାଙ୍କୁ ତାଙ୍କୁ ଉଦ୍ଧାର କରିଥିଲେ । ପରେ ପରିବାର ଲୋକେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ, ଯେଉଁଠାରେ ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି । ପୀଡ଼ିତାଙ୍କ ପିତା ଅଭିଯୋଗ କରିଛନ୍ତି ଯେ, ସିମରନ ତମାଙ୍ଗ ତାଙ୍କ ଝିଅକୁ ଘରୁ ନେଇଯାଇଥିଲେ ଏବଂ ପରେ ନିଶା ଦେଇ ଅଚେତ କରାଇ ରାଜ ମଲ୍ଲିକ, ଶେଖ ଅଜାରୁଦ୍ଦିନ ଓ ଏସ.କେ. ଦାସ ତାଙ୍କ ସହ ଗଣଦୁଷ୍କର୍ମ କରିଥିବା ସେ କହିଛନ୍ତି । ଦୋଷୀମାନଙ୍କୁ କଠୋର ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି । ଏହି ଘଟଣାର ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ସିମରନ ତମାଙ୍ଗ, ରାଜ ମଲ୍ଲିକ, ଶେଖ ଅଜାରୁଦ୍ଦିନ ଓ ସମ୍ପୃକ୍ତ ହୋଟେଲର ମ୍ୟାନେଜରଙ୍କୁ ଗିରଫ କରିଛି । ଅନ୍ୟ ଜଣେ ଅଭିଯୁକ୍ତ ଏସ.କେ. ଦାସ ଫେରାର ଥିବାବେଳେ ତାଙ୍କୁ ଧରିବା ପାଇଁ ପୁଲିସ ଚଢ଼ାଉ ଜାରି ରଖିଛି । ପୁଲିସ ପକ୍ଷରୁ ପୀଡ଼ିତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିବା ସହ ଘଟଣାସ୍ଥଳ ଓ ହୋଟେଲରୁ ଫରେନସିକ୍ ପ୍ରମାଣ ସଂଗ୍ରହ କରାଯାଇଛି । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି ।

## ଅନଲାଇନ୍ ଗେମ୍‌ର ନିଶା ନେଲା ଦୁଇ ଜୀବନ ବାପା ଓ ଭଉଣୀଙ୍କୁ ଛୁରି ଭୁସି ହତ୍ୟା, ମା' ଗୁରୁତର

ନୂଆଦିଲ୍ଲୀ: ସମ୍ପର୍କ ଭୁଲାଇଦେଲା ଚଟଇଏ । ବିରୋଧ କରିବାରୁ ନିଜ ବାପା ଓ ଭଉଣୀଙ୍କ ଜୀବନ ନେବାକୁ ପଛାଇଲାନି ଯୁବକ । କାହାକୁ ଜଣାଥିଲା ସ୍କ୍ରିନ ଆଗରେ ଆଙ୍ଗୁଳି ଟିପରେ ଖେଳା ଯାଉଥିବା ଏହି ସାମାନ୍ୟ ଗେମ୍ ? ଦିନେ ନିଜ ପରିବାରର ବଳି ଚଢ଼େଇ ଦେବ । ହସ ଖୁସିର ପରିବାରକୁ କେହି ମୁହୂର୍ତ୍ତରେ ଶଶ୍ମାନରେ ପରିଣତ କରିଦେଇଥିଲା ଏହି ଘାତକ ଗେମ୍ ? । କର୍ଣ୍ଣାଟକର କୋପ୍ପଲ ଜିଲ୍ଲାର ଗଙ୍ଗାବତୀ ଅଞ୍ଚଳରୁ ସାମ୍ନାକୁ ଆସିଛି ଏକ ହୃଦୟବିଦାରକ ଘଟଣା । ଅନଲାଇନ୍ ଗେମ୍ ଚଟଇଏ ପ୍ରତି ଅତ୍ୟଧିକ ନିଶା ଯୋଗୁଁ ଜଣେ ୧୮ ବର୍ଷୀୟ ଯୁବକ ନିଜ ପରିବାର ଉପରେ ଛୁରିରେ ମାରାତ୍ମକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ତାଙ୍କ ବାପା ଓ ଭଉଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ସୂଚନା ଅନୁଯାୟୀ, ସାଇ ଓ୍ୱେଙ୍କଟମଣି ନାମକ ଏହି ଯୁବକ ଦୀର୍ଘଦିନ ଧରି ଚଟଇଏ ଖେଳରେ ମଗ୍ନ ରହୁଥିଲେ । ପରିବାର ଲୋକେ ତାଙ୍କୁ ଅନଲାଇନ୍ ଗେମ୍ ?ର ଅତ୍ୟଧିକ ବ୍ୟବହାରକୁ ବାରଣ କରୁଥିଲେ । ଏହାକୁ ନେଇ ପରିବାର ମଧ୍ୟରେ ବାରମ୍ବାର କଳହ ଲାଗି ରହୁଥିଲା । ଶନିବାର ରାତି ପ୍ରାୟ ୧୦ଟା ସମୟରେ ପରିବାର ସଦସ୍ୟମାନେ ଶୋଇଥିବା ବେଳେ ଅଭିଯୁକ୍ତ ଘରର ବିଦ୍ୟୁତ ସଂଯୋଗ ବନ୍ଦ କରିଦେଇଥିଲା । ଏହାପରେ ଅନ୍ଧାରର ସୁଯୋଗ ନେଇ ମା', ବାପା ଓ ଭଉଣୀଙ୍କ ଉପରେ ଛୁରିରେ ଅତି ନୃଶଂସ ଭାବେ ଆକ୍ରମଣ କରିଥିଲା ଅଭିଯୁକ୍ତ । ଆକ୍ରମଣରେ ତାଙ୍କ ୧୯ ବର୍ଷୀୟ ଭଉଣୀ ପ୍ରଗତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଗୁରୁତର ଆହତ ବାପା ଓ୍ୱେଙ୍କଟ ନାୟଡୁଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ପରଦିନ ଚିକିତ୍ସାଧୀନ ଅବସ୍ଥାରେ ସେ ପ୍ରାଣ ହରାଇଛନ୍ତି । ଅନ୍ୟପଟେ ୪୦ ବର୍ଷୀୟ ମା' ସୌଜନ୍ୟା ଗୁରୁତର ଆହତ ହୋଇ ବର୍ତ୍ତମାନ ହସ୍ପିଟାଲରେ ଜୀବନ ପାଇଁ ସଂଘର୍ଷ କରୁଛନ୍ତି । ଘଟଣା ପରେ ଅଭିଯୁକ୍ତ ନିଜେ ମଧ୍ୟ ଆତ୍ମହତ୍ୟା ଉଦ୍ୟମ କରିଥିବା ସୂଚନା ମିଳିଛି । ତାଙ୍କୁ ମଧ୍ୟ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ରାତିରେ ଚିତ୍କାର ଶୁଣି ଘରକୁ ପହଞ୍ଚିଥିଲେ ଅଭିଯୁକ୍ତଙ୍କ ଦାଦା । ପଡ଼ୋଶୀମାନଙ୍କ ସହାୟତାରେ ଘରର କବାଟ ଖୋଲାଯାଇଥିଲା । ପରେ ପୁଲିସକୁ ଖବର ଦିଆଯାଇଥିଲା । ଦାଦାଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଅଭିଯୁକ୍ତ ପୁତୁରାର ବିରୋଧରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣା ଅନଲାଇନ୍ ଗେମିଂର ଅତ୍ୟଧିକ ନିଶାକୁ ନେଇ ପୁଣିଥରେ ଚିନ୍ତା ବଢ଼ାଇଛି । ଏକ ସାଧାରଣ ପରିବାରରେ ଘଟିଥିବା ଏହି ଦୁଃଖଦ ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି ।

## ଇରାନ ଛାଡ଼ିବାକୁ ନାଗରିକଙ୍କୁ କହିଲା ଭାରତ, ପଶ୍ଚିମ ଏସିଆରେ ପୁଣି ବିଗୁଡ଼ିଛି ସ୍ଥିତି

ନୂଆଦିଲ୍ଲୀ : ପଶ୍ଚିମ ଏସିଆରେ ପୁଣି ଥରେ ଭୟଙ୍କର ଯୁଦ୍ଧ ସ୍ଥିତି ଦେଖାଯାଇଛି । ସୋମବାର ଇରାନ ଓ ଇସ୍ରାଏଲ ପରସ୍ପର ଉପରେ ପୁଣି ଥରେ ଆକ୍ରମଣ କରିଛନ୍ତି । ମଧ୍ୟପ୍ରାଚ୍ୟରେ ସ୍ଥିତି ବିଗୁଡ଼ି ଥିବାରୁ ସୋମବାର ତେହେରାନରେ ଥିବା ଭାରତୀୟ ଦୂତାବାସ ଏକ ଜରୁରୀ ପରାମର୍ଶ ଜାରି କରି ଭାରତୀୟ ନାଗରିକମାନଙ୍କୁ ଇରାନ ଯାତ୍ରା ଏଡାଇବାକୁ ଓ ଦେଶରେ ପୂର୍ବରୁ ଥିବା ଲୋକମାନଙ୍କୁ ଉପଲବ୍ଧ ପରିବହନ ବିକଳ୍ପ ମାଧ୍ୟମରେ ଶୀଘ୍ର ସେଠାରୁ ଚାଲିଆସିବାକୁ କହିଛି । ପଶ୍ଚିମ ଏସିଆରେ ଦ୍ରୁତ ଗତିରେ ବିଗୁଡୁଥିବା ସୁରକ୍ଷା ପରିସ୍ଥିତି ଓ ଗତ ୨୪ ଘଣ୍ଟା ମଧ୍ୟରେ ଦେଖାଦେଇଥିବା ସ୍ଥିତି ପରେ ଭାରତ ପକ୍ଷରୁ ନାଗରିକଙ୍କୁ ଏହି ପରାମର୍ଶ ଜାରି କରାଯାଇଛି । ଯୁଦ୍ଧବିରତି ସ ?ତ୍ତ୍ୱେ ଗତ କିଛି ଦିନ ହେଲା କ୍ଷେପଣାସ୍ତ୍ର ବିନିମୟ, ରଣନୈତିକ ଲକ୍ଷ୍ୟସ୍ଥଳ ଉପରେ ବିମାନ ଆକ୍ରମଣ ଓ ଇସ୍ରାଏଲ ଓ ଇରାନ ପରସ୍ପର ଉପରେ ଆକ୍ରମଣ ଯୋଗୁ ଇରାନ ସ୍ଥିତ ଭାରତୀୟ ଦୂତାବାସ ସମସ୍ତ ଭାରତୀୟଙ୍କୁ ଇରାନ ଯାତ୍ରା ନକରିବାକୁ ପରାମର୍ଶ ଦେଇଛି । ଯେଉଁ ଭାରତୀୟ ନାଗରିକ ଇରାନରେ ଅଛନ୍ତି ସେମାନଙ୍କୁ କେ ?ଣସି ପ୍ରକାର ତୁରନ୍ତ ସେଠାରୁ ଚାଲି ଆସିବାକୁ କୁହାଯାଇଛି । ଫେବ୍ରୁଆରି ୨୮ରେ ଇରାନ-ଆମେରିକା ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଭାରତ ପକ୍ଷରୁ ଏହାର ନାଗରିକଙ୍କ ପାଇଁ ଅନେକ ଥର ପରାମର୍ଶ ଜାରି କରାଯାଇଛି । ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ଚାଲିଥିବା ସମୟରେ ରବିବାର ରାତିରେ ଇରାନ ଇସ୍ରାଏଲ ଉପରେ ଆକ୍ରମଣ କରିଛି । ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣ ଜବାବରେ ଏହି ଆକ୍ରମଣ କରାଯାଇଥିବା ବୋଲି ଇରାନ କହିଛି ।

# ପରମାଣୁ ବାରୁଦ ଗଦାରେ ପୃଥିବୀ : ଗୋଦାମରୁ ରକେଟ୍‌ରେ ଲୋଡ୍ କରାଯାଉଛି ପରମାଣୁ ବୋମା

ନୂଆଦିଲ୍ଲୀ: ବିଶ୍ୱ ଏକ ନୂତନ ପରମାଣୁ ବିପଦ ଆଡ଼କୁ ମୁହାଁଇଛି । ବିଶ୍ୱବ୍ୟାପୀ ପରମାଣୁ ଅସ୍ତ୍ର ବିଷୟରେ ଚିନ୍ତା ତୀବ୍ର ଭାବରେ ବୃଦ୍ଧି ପାଇଛି । ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ଏସ୍ ?ଆଇପିଆର୍ ?ଆଇ)ର ଏକ ନୂତନ ରିପୋର୍ଟରେ କୁହାଯାଇଛି ଯେ ଅନେକ ପରମାଣୁ ରାଷ୍ଟ୍ର ସେମାନଙ୍କର ଅସ୍ତ୍ରଗୁଡ଼ିକୁ ସଂରକ୍ଷଣରୁ ବାହାର କରି କ୍ଷେପଣାସ୍ତ୍ର ଏବଂ ଅନ୍ୟାନ୍ୟ ପ୍ରକ୍ଷେପଣ ପ୍ରଣାଳୀରେ ପୁନଃନିଯୋଜନ କରୁଛନ୍ତି, ଯାହା ବିଶ୍ୱ ଉତ୍ତେଜନାକୁ ଆହୁରି ବୃଦ୍ଧି କରୁଛି । ଯଦିଓ ମୋଟ ଅସ୍ତ୍ର ସଂଖ୍ୟା ସାମାନ୍ୟ ହ୍ରାସ ପାଇଛି, ତେବେ ବିଶେଷଜ୍ଞମାନେ କହିଛନ୍ତି ଯେ, ନୂତନ ଏବଂ ଉନ୍ନତ ଅସ୍ତ୍ର ଦ୍ରୁତ ଗତିରେ ବିକଶିତ ହେଉଥିବାରୁ ଏବଂ ପୁରୁଣା ଆନ୍ତର୍ଜାତୀୟ ଚୁକ୍ତିନାମା ଦୁର୍ବଳ ହେଉଥିବାରୁ ବିପଦ ବୃଦ୍ଧି ପାଉଛି । ଏହି ପରିସ୍ଥିତି ବିଶ୍ୱକୁ ଏକ ନୂତନ ପରମାଣୁ ବିପଦ ଆଡ଼କୁ ନେଇଯାଉଛି । ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଅନୁଯାୟୀ, ବିଶ୍ୱରେ



ପ୍ରାୟ ୧୨,୧୮୭ ପରମାଣୁ ଯୁଦ୍ଧାସ୍ତ୍ର ରହିଛି । ସେଥିମଧ୍ୟରୁ ପ୍ରାୟ ୯,୭୪୫ ପରମାଣୁ ଯୁଦ୍ଧାସ୍ତ୍ର ଗଚ୍ଛିତ ଅଛି ଏବଂ ଆବଶ୍ୟକ ହେଲେ ତୁରନ୍ତ ବ୍ୟବହାର କରାଯାଇପାରିବ । ଶୀତଳ ଯୁଦ୍ଧ ପରଠାରୁ ପୁରୁଣା ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଦ୍ରୁତ ଗତିରେ ବନ୍ଦ କରାଯାଉଥିବାରୁ ମୋଟ ସଂଖ୍ୟା ଗତ ବର୍ଷ ତୁଳନାରେ ସାମାନ୍ୟ ହ୍ରାସ ପାଇଛି । ତଥାପି, ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ପରମାଣୁ ବିପଦ କମିବା ପରିବର୍ତ୍ତେ ବଢୁଛି ।

ପ୍ରକୃତରେ, ଅନେକ ଦେଶ ସେମାନଙ୍କର ପରମାଣୁ ଅସ୍ତ୍ରଶସ୍ତ୍ରକୁ ଗୋଦାମରୁ ବାହାର କରି କ୍ଷେପଣାସ୍ତ୍ର, ବିମାନ ଏବଂ ଅନ୍ୟାନ୍ୟ ବିତରଣ ପ୍ରଣାଳୀରେ ନିୟୋଜିତ କରୁଛନ୍ତି । ଏହାର ଅର୍ଥ ହେଉଛି ଯେ, ଅସ୍ତ୍ରଶସ୍ତ୍ରଗୁଡ଼ିକ ଏବେ ପୂର୍ବ ଅପେକ୍ଷା ଅଧିକ ସକ୍ରିୟ ଏବଂ ବ୍ୟବହାର ପାଇଁ ପ୍ରସ୍ତୁତ ଅବସ୍ଥାରେ ଅଛି । ଏସ୍ଆଇପିଆରଆଇର ନିର୍ଦ୍ଦେଶକ କରିମ୍ ହାଗାଗ୍ କହିଛନ୍ତି, ଯଦିଓ ଅସ୍ତ୍ରଶସ୍ତ୍ର ସଂଖ୍ୟା ହ୍ରାସ ପାଉଛି, ପରମାଣୁ ବୃଦ୍ଧି ପାଉଛି । ସେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ପ୍ରମୁଖ ରାଷ୍ଟ୍ରମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ପ୍ରତିଯୋଗିତା ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ଚୁକ୍ତିନାମାକୁ ଦୁର୍ବଳ କରୁଛି । ଆମେରିକା ଏବଂ ରୁଷ ମିଳିତ ଭାବରେ ବିଶ୍ୱର ପ୍ରାୟ ୮୩% ପରମାଣୁ ଅସ୍ତ୍ରଶସ୍ତ୍ର ରଖିଛନ୍ତି ଏବଂ ସେମାନଙ୍କର ବ୍ୟବସ୍ଥାକୁ ଆଧୁନିକୀକରଣ କରୁଛନ୍ତି । ଚୀନ୍ ଦ୍ରୁତ ଗତିରେ ଏହାର ଅସ୍ତ୍ରଶସ୍ତ୍ର ବୃଦ୍ଧି କରୁଛି, ଯେତେବେଳେ ଭାରତ, ପାକିସ୍ତାନ, ଉତ୍ତର କୋରିଆ ଏବଂ ଇସ୍ରାଏଲ ମଧ୍ୟ ସେମାନଙ୍କର ପରମାଣୁ କାର୍ଯ୍ୟକ୍ରମକୁ ବିସ୍ତାର କରିବା ସହ ସୁଦୃଢ଼ କରୁଛନ୍ତି, ଯାହା ବିଶ୍ୱ ଉତ୍ତେଜନାକୁ ଆହୁରି ବୃଦ୍ଧି କରୁଛି । ରିପୋର୍ଟରେ କୁହାଯାଇଛି ଯେ ଭାରତ ଏବଂ ପାକିସ୍ତାନ ୨୦୨୫ରେ ନୂତନ ପରମାଣୁ ଅସ୍ତ୍ର ଯୋଗାଣ ପ୍ରଣାଳୀ ବିକଶିତ କରିଚାଲିଛନ୍ତି ଏବଂ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରରେ ଏକାଧିକ ଯୁଦ୍ଧାସ୍ତ୍ର ନିୟୋଜନ କରିବାର କ୍ଷମତା ହାସଲ କରିବାକୁ ଚେଷ୍ଟା କରୁଛନ୍ତି । ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଭାରତ ଏବଂ ଚୀନ୍ ସେମାନଙ୍କର ପରମାଣୁ ଅସ୍ତ୍ର ଭଣ୍ଡାର ବୃଦ୍ଧି କରିଛନ୍ତି ।

ଭାରତ ସମ୍ପର୍କରେ, ରିପୋର୍ଟରେ କୁହାଯାଇଛି ଯେ ପରମାଣୁ ଅସ୍ତ୍ରଶସ୍ତ୍ର ଏକ ବିକାଶଶୀଳ ପରମାଣୁ ତ୍ରିକୋଣ ମଧ୍ୟରେ ବଣ୍ଟନ କରାଯାଇଛି ଯେଉଁଥିରେ ବିମାନ, ସ୍ଥଳଭାଗରୁ ନିକ୍ଷେପ କରାଯାଉଥିବା କ୍ଷେପଣାସ୍ତ୍ର ଏବଂ ନୌସେନା ପରମାଣୁ-ଚାଳିତ ବୁଡ଼ାଜାହାଜ ଅନ୍ତର୍ଭୁକ୍ତ । ଅତିରିକ୍ତ କ୍ଷେପଣାସ୍ତ୍ର ପାଇଁ ଅଧିକ ଯୁଦ୍ଧାସ୍ତ୍ର ବିକଶିତ କରାଯାଉଛି, ଏବଂ ଭାରତ ସମ୍ପ୍ରତି କ୍ଷେପଣାସ୍ତ୍ରକୁ କ୍ୟାନିଷ୍ଟରାଇଜେସନ୍ କରିବା ଏବଂ ସମୁଦ୍ର-ଭିତ୍ତିକ ପ୍ରତିରୋଧ କ୍ଷମତା ବିକାଶ କରିବା ଦିଗରେ ପଦକ୍ଷେପ ନେଇଛି । ଗତ ଦଶନ୍ଧି ଧରି ଭାରତର ପରମାଣୁ ଯୋଜନା ଦୀର୍ଘ ଦୂରଗାମୀ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ଉପରେ ଅଧିକ ଗୁରୁତ୍ୱ ଦେଇଛି ଯାହା ଚୀନ୍ ଉପରେ କେନ୍ଦ୍ରିତ ବୋଲି ମନେହୁଏ, କିନ୍ତୁ ପାକିସ୍ତାନ ସହିତ ଏହାର ଦୀର୍ଘକାଳୀନ ପ୍ରତିଦ୍ୱନ୍ଦ୍ୱିତା ଦ୍ୱାରା ଏହାର ଯୋଜନା ଅତ୍ୟନ୍ତ ପ୍ରଭାବିତ ରହିଛି । ପାକିସ୍ତାନ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ, ଇସଲାମାବାଦ ପ୍ରାରମ୍ଭିକ ପରମାଣୁ ତ୍ରିକୋଣ ସ୍ଥଳ, ବାୟୁ ଏବଂ ସମୁଦ୍ରରୁ ପରମାଣୁ ଆକ୍ରମଣ କରିବାର କ୍ଷମତା ବିକଶିତ କରିଚାଲିଛି । ଯଦିଓ ଏହାର ସ୍ଥଳ ଏବଂ ବାୟୁ-ଭିତ୍ତିକ କ୍ଷମତା ଭଲ ଭାବରେ ପ୍ରତିଷ୍ଠିତ, ପାକିସ୍ତାନ ଏପର୍ଯ୍ୟନ୍ତ ସମୁଦ୍ର-ଭିତ୍ତିକ କ୍ଷମତା ବିକଶିତ କରିନାହିଁ, କିନ୍ତୁ ପ୍ରୟାସ ଜାରି ରଖିଛି । ରିପୋର୍ଟରେ କୁହାଯାଇଛି, ପାକିସ୍ତାନର ଅନେକ ନୂତନ ବିତରଣ ପ୍ରଣାଳୀର ବିକାଶ ଏବଂ ଏହାର ବିଖଣ୍ଡିତ ସାମଗ୍ରୀର ଗଚ୍ଛିତତା ସୂଚାଇ ଦିଏ ଯେ ଆଗାମୀ ଦଶନ୍ଧି ମଧ୍ୟରେ ଏହାର ପରମାଣୁ ଅସ୍ତ୍ରାଗାର ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

## ହାଇଦ୍ରାବାଦ ପବ୍‌ରେ ଲେଡି ଆଇପିଏସଙ୍କ ସରପ୍ରାଇଜ୍ ରେଡ୍ , ଦେହ ବ୍ୟବସାୟର ପର୍ଦ୍ଦାଫାସ୍



ନୂଆଦିଲ୍ଲୀ: ପବ୍‌ରେ ଲେଡି ଆଇପିଏସଙ୍କ ରାତିଅଧିଆ ସରପ୍ରାଇଜ୍ ରେଡ୍ । ହାଇଦ୍ରାବାଦରେ ଚାଲିଥିବା ଦେହ ବ୍ୟବସାୟର ପର୍ଦ୍ଦାଫାସ୍, ୯ ଗିରଫ । ହାଇଦ୍ରାବାଦ କୁକଟପଲ୍ଲୀ ଅଞ୍ଚଳର ଏକ ପବ୍‌ରେ ଚଢ଼ାଉ କରାଯାଇଥିଲା । ଏହି ପବରେ ବେଆଇନ କାର୍ଯ୍ୟକଳାପ ଚାଲିଥିବା ନେଇ ସୂଚନା ମିଳିବା ପରେ ରେଡ୍ କରିଥିଲା ପୁଲିସ । ଯୁବ ମହିଳା ଆଇପିଏସ୍ ଅଫିସର ରିତି ରାଜଙ୍କ ନେତୃତ୍ୱରେ ବିଳମ୍ବିତ ରାତିରେ ସିନେମା ଷ୍ଟାଇଲ୍‌ରେ ହୋଇଥିବା ଏହି ରେଡରେ ପବ୍ ଭିତରେ ଚାଲିଥିବା ଅସାମାଜିକ କାର୍ଯ୍ୟକଳାପ ଏବଂ ବ୍ୟାପକ ନିୟମ ଉଲ୍ଲଂଘନର ପର୍ଦ୍ଦାଫାସ୍ ହୋଇଛି । ନିଜେ ଗ୍ରାହକ ସାଜି ଏହି ଅପରେସନ କରିଥିଲେ ଡିସିପି ରିତି ରାଜ । ଡିସିପି ନିଜେ ସାଧା ପୋଷାକରେ ଗୋପନୀୟ ଭାବେ କ୍ଲବ୍ ମସ୍ତିକୁ ଯାଇ ସତ୍ୟାସତ୍ୟ ଯାଞ୍ଚ କରିଥିଲେ ଏବଂ ପ୍ରମାଣ ମିଳିବା ମାତ୍ରେ ଟିମ୍ ସହ ଚଢ଼ାଉ କରିଥିଲେ । ପବ୍‌ରେ ଗ୍ରାହକମାନଙ୍କୁ ପ୍ରଲୋଭିତ କରିବା ଏବଂ ଦେହ ବ୍ୟବସାୟ ପାଇଁ ମହିଳାମାନଙ୍କୁ ବ୍ୟବହାର କରାଯାଉଥିଲା । କେବଳ ସେତିକି ନୁହେଁ, ପୁରୁଷ ଗ୍ରାହକଙ୍କୁ ଆକର୍ଷିତ କରି ସେମାନଙ୍କ ନାଁରେ ମାତ୍ରାଧିକ ଟଙ୍କାର ବେଆଇନ ବିଲ୍ ପ୍ରସ୍ତୁତ କରାଯାଉଥିଲା । ଚଢ଼ାଉବେଳେ ପବ୍‌ରେ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳିଛି । ପୁଲିସ ପବ୍‌ର ୯ ଜଣ କର୍ମଚାରୀଙ୍କୁ ଗିରଫ କରିଛି ।

## ପିଓକେରେ ପାକିସ୍ତାନୀ ସେନାର ନରସଂହାର : ଅନ୍ତିମ ସଂସ୍କାର ଶୋଭାଯାତ୍ରା ଉପରେ ଗୁଳିଚାଳନା

ନୂଆଦିଲ୍ଲୀ: ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ପାକିସ୍ତାନୀ ସେନା ଏବଂ ସୁରକ୍ଷା ବାହିନୀ ନରସଂହାର ଘଟାଇଛନ୍ତି । ରିପୋର୍ଟ ଅନୁଯାୟୀ, ପାକିସ୍ତାନୀ ସେନା ପ୍ରଦର୍ଶନକାରୀଙ୍କ ଉପରେ ଗୁଳି ଚଳାଇଛି । ଫଳରେ ୨୭ ଜଣଙ୍କ ମୃତ୍ୟୁ ଘଟିଛି । ଏହି ଘଟଣା ପରେ ପିଓକେରେ ଉତ୍ତେଜନା ବୃଦ୍ଧି ପାଇଛି । ପିଓକେରେ ପ୍ରତିବାଦର ନେତୃତ୍ୱ ନେଉଥିବା ମିଳିତ ଆୱାମୀ କାର୍ଯ୍ୟକାରୀ କମିଟି (ଜେଏଏସି) ଅଭିଯୋଗ କରିଛି ଯେ, ରାୱାଲାକୋଟରେ ଏକ ଅନ୍ତିମ ସଂସ୍କାର ଶୋଭାଯାତ୍ରାରେ ଏକାଠି ହୋଇଥିବା ଲୋକଙ୍କ ଉପରେ ସୁରକ୍ଷା ବାହିନୀ ଗୁଳି ଚଳାଇଛି । ମିଳିତ ଆୱାମୀ କାର୍ଯ୍ୟକାରୀ କମିଟି ଅନୁଯାୟୀ, ଶୁକ୍ରବାର ଦିନ ଶାହଜେବ ହବିବ ନାମକ ଜଣେ ପ୍ରତିବାଦକାରୀଙ୍କୁ ପାକିସ୍ତାନୀ ରେଞ୍ଜର୍ସମାନେ ହତ୍ୟା କରିଥିଲେ । କମିଟି ନେତାମାନେ କହିଛନ୍ତି ଯେ, ଶାହଜେବର ଅନ୍ତିମ ସଂସ୍କାର ପାଇଁ ଲୋକମାନେ ରାୱଲକୋଟର



କମ୍ବାଇନ୍ ମିଲିଟାରୀ ହସ୍ପିଟାଲ ବାହାରେ ଏକତ୍ରିତ ହୋଇଥିଲେ । ଆୱାମୀ କାର୍ଯ୍ୟ କମିଟି ନେତାମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ପ୍ରତିବାଦ ସମୟରେ ଲୋକମାନେ ପାକିସ୍ତାନୀ ସେନା ଏବଂ ପାକିସ୍ତାନ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଉଥିଲେ ଯେତେବେଳେ ସୁରକ୍ଷା ବାହିନୀ ଗୁଳି ଚଳାଇଥିଲେ ।

ରିପୋର୍ଟ ଅନୁଯାୟୀ, କମିଟି ଅଭିଯୋଗ କରିଛି ଯେ ସୁରକ୍ଷା ବାହିନୀ ଗୁଳିରେ ୨୭ଜଣ ପ୍ରଦର୍ଶନକାରୀଙ୍କ ମୃତ୍ୟୁ ହୋଇଛି । କିଛି ସ୍ଥାନୀୟ ଲୋକ ରିପୋର୍ଟ କରିଛନ୍ତି ଯେ ୧୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ତଥାପି, ମୃତାହତଙ୍କ ସଠିକ୍ ସଂଖ୍ୟା ନିଶ୍ଚିତ ହୋଇନାହିଁ । ଆୱାମୀ ଆକ୍ସନ କମିଟି ଦାବି କରିଛି, ହସ୍ପିଟାଲ ପରିସରରୁ ୧୧୦ରୁ ଅଧିକ ଲୋକଙ୍କୁ ଅଟକ ରଖାଯାଇଛି । ସୁରକ୍ଷା କାର୍ଯ୍ୟାନୁଷ୍ଠାନ ପରେ ଅନେକ ଲୋକ ନିଖୋଜ ଅଛନ୍ତି । କମିଟି ଏହା ମଧ୍ୟ ଅଭିଯୋଗ କରିଛି ଯେ, ସୁରକ୍ଷା ବାହିନୀ ନିହତ ପ୍ରଦର୍ଶନକାରୀଙ୍କ ମୃତଦେହକୁ ନିଜ କବଜାକୁ ନେଇଛି ।

# ଆକାଶ ମାର୍ଗରୁ ଭାରତର ଗୁଇନ୍ଦାଗିରି କରୁଛି ପାକିସ୍ତାନ ୧୬ ମାସରେ ୬ଟି ଉପଗ୍ରହ ଉତ୍କ୍ଷେପଣ

ନୂଆଦିଲ୍ଲୀ : 'ଅପରେସନ ସିନ୍ଦୂର' ପରେ ଭାରତ ଓ ପାକିସ୍ତାନ ଯୁଦ୍ଧବିରତି ଘୋଷଣା କରିଥିଲେ । ଏହି ବର୍ଷକରୁ ଅଧିକ ସମୟ ଭିତରେ ଗୁଳିଗୋଳାର ଶବ୍ଦ ମଧ୍ୟ ନିରବୀ ଯାଇଥିଲେ ମଧ୍ୟ ଭାରତର ପଡ଼ୋଶୀ ଦେଶ ପାକିସ୍ତାନ ଭାରତ ଉପରେ ଆକାଶ ମାର୍ଗରୁ କଡ଼ା ନଜର ରଖିଛି । 'ଦ ପ୍ରିଣ୍ଟ' ରିପୋର୍ଟ ଅନୁଯାୟୀ, ପାକିସ୍ତାନ ଗତ ୧୬ ମାସ ମଧ୍ୟରେ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ୬ଟି ଗୁପ୍ତଚରୀ ଉଦ୍ଦେଶ୍ୟରେ ବ୍ୟବହୃତ ଉପଗ୍ରହ ଉତ୍କ୍ଷେପଣ କରି ଆକାଶମାର୍ଗରୁ ଭାରତ ଉପରେ ନଜର ରଖିଛି । ଜାନୁଆରୀ ୨୦୨୫ ରୁ ଜୁନ୍ ୨୦୨୬ ମଧ୍ୟରେ, ପାକିସ୍ତାନ ଛଅଟି ପୃଥିବୀ-ପର୍ଯ୍ୟବେକ୍ଷଣ ଉପଗ୍ରହ ଉତ୍କ୍ଷେପଣ କରିଥିଲା ଓ ଏସବୁକୁ ଏପରି କକ୍ଷପଥରେ ଅବସ୍ଥାପିତ କରାଯାଇଛି ଯେପରି




ଭାରତ ଉପରେ ନଜର ରଖିପାରିବ । ଏହି ଉପଗ୍ରହଗୁଡ଼ିକ ପ୍ରତି ଦୁଇ ଦିନରେ ଅତି କମରେ ଥରେ ଭାରତୀୟ କ୍ଷେତ୍ରର ମ୍ୟାପ୍ କରୁଛନ୍ତି । ଉତ୍ତର-ଭାରତ ବିଶେଷ କରି ଜମ୍ମୁ ଓ କାଶ୍ମୀର ଆକାଶରୁ ରେକି କରିବା ଉପରେ ପାକିସ୍ତାନ ପୂରା ଜୋର୍ ଦେଉଛି । ସ୍ପେଶ୍ ଟେକ୍ନୋଲଜି ମାମଲାରେ ପାକିସ୍ତାନ ଭାରତ ମୁକାବିଲା ଖୁବ୍ ଦୁର୍ବଳ । ଭାରତ ଯେଉଁଠି ଚନ୍ଦ୍ର ଓ ମଙ୍ଗଳ ମିଶନ ଉପରେ ଗୁରୁତ୍ୱ ଦେଉଛି, ପାକିସ୍ତାନ ସେଠାରେ ଉପଗ୍ରହ କେବଳ ଭାରତ ଉପରେ ନଜର ରଖିବାକୁ ନିୟୋଜିତ କରୁଛି । ପାକିସ୍ତାନ ଏହି ମାମଲାରେ ଚୀନର ସହାୟତା ନେଉଛି । ଚୀନ୍ ଓ ପାକିସ୍ତାନ ସର୍ବଦା ଭାରତ ବିରୋଧରେ ହାତ ମିଳେଇବାର ସୁଯୋଗ ଖୋଜିଥାନ୍ତି । ପାକିସ୍ତାନ ଗତ ଛଅ ମାସରେ ପିଆର୍ଏସ୍ଏସ୍ -୨, ଏଚ୍ଏସ୍-୧, ପିଆର୍ଏସ୍ସି-ଇଓ୨, ପିଆର୍ଏସ୍ସି ଇଓ୩, ପିଏୟୁଏସ୍ଏଟି-୧ ଓ ପିଆର୍ଏସ୍ସି-ଇଓ୧ ଉପଗ୍ରହ ଉତ୍କ୍ଷେପଣ କରିଛି । ଏହି ସବୁ ଉପଗ୍ରହ ସାଧାରଣତଃ ପୃଥିବୀ ଉପରେ ନଜର ରଖିବା ଓ ହାଇ ରିଜୋଲ୍ୟୁସନ ଇମେଜରୀ ପାଇଁ ଡିଜାଇନ୍ କରାଯାଇଥାଏ । ଅତ୍ୟାଧୁନିକ ଟେକ୍ନୋଲଜି ବ୍ୟବହାର କରି ଏହାକୁ ପ୍ରସ୍ତୁତ କରାଯାଇଥାଏ । ରିପୋର୍ଟ ଅନୁଯାୟୀ ଏସବୁ ଉପଗ୍ରହକୁ ଏପରି ଭାବେ କକ୍ଷପଥରେ ଅବସ୍ଥାପିତ କରାଯାଇଛି ଯେପରିକି ଏହା ଗୋଟିଏ କ୍ଷେତ୍ର ଉପରେ ନଜର ରଖିବ ଓ ସେଠାରେ ସାମାନ୍ୟ ପରିବର୍ତ୍ତନର ମଧ୍ୟ ସୂଚନା ପ୍ରଦାନ କରିବ । ଭାରତର ଜମ୍ମୁ-କାଶ୍ମୀର ବ୍ୟତୀତ ଇରାନ, ଆଫଗାନିସ୍ତାନ ଓ ଚୀନ ଉପରେ ମଧ୍ୟ ସାଟେଲାଇଟରେ ନଜର ରଖାଯାଇଛି । ଏହାସହିତ ଉତ୍ତର ଭାରତ ମହାସାଗର ଉପରେ ମଧ୍ୟ ନଜର ରଖାଯାଇଛି । ପାକିସ୍ତାନର ଏହିସବୁ ଉପଗ୍ରହରୁ ଚୀନ୍ ମଧ୍ୟ ଫାଇଦା ନେଉଛି । ଭାରତ ସମ୍ପର୍କରେ ସମସ୍ତ ତଥ୍ୟ ଚୀନ ମଧ୍ୟ ଆବଶ୍ୟକ କରୁଛି । ଆଫଗାନିସ୍ତାନ, ଇରାନ ଓ ଭାରତ ମହାସାଗର ଉପରେ ମଧ୍ୟ ଚୀନ୍ ନଜର ରଖିବାକୁ ଚାହେଁ । ରିପୋର୍ଟ ଅନୁଯାୟୀ ପାକିସ୍ତାନ ଆପୋଲୋ ମ୍ୟାପିଂ ଓ ସ୍କାଇଫାଇର ବ୍ୟବହାର କରି ଏପରି ଭାବେ ଉପଗ୍ରହକୁ ମୁତୟନ କରୁଛି ଯେପରିକି ଭାରତର ବିଭିନ୍ନ ସ୍ଥାନର ସ୍ପଷ୍ଟ ଫଟୋ ମିଳିପାରିବ । ଭାରତକୁ ଆସୁଥିବା ଓ ଭାରତରୁ ଯାଉଥିବା ବ୍ୟବସାୟିକ ଜାହାଜ ଉପରେ ମଧ୍ୟ ପାକିସ୍ତାନ ଓ ଚୀନ୍ ନଜର ରଖିଛନ୍ତି । ଗତ ଏକ ବର୍ଷ ମଧ୍ୟରେ ଭାରତର ଅନେକ ଉପଗ୍ରହ ବିଫଳ ହୋଇଛି । ଏଥିରୁ ତିନିଟି ଉପଗ୍ରହ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିଲା ।

# ସବୁଠୁ ବଡ଼ 'ଟେଷ୍ଟ୍' ବିଜୟ: ଅଢେଇ ଦିନରେ ଶେଷ ହେଲା ଲଢ଼େଇ

ନ୍ୟୁ ଚଣ୍ଡିଗଡ଼,୮।୬: ମାତ୍ର ୩ ଦିନ ଭିତରେ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟକୁ ଶେଷ କରି ଇତିହାସ ରଚିଛି ଟିମ ଇଣ୍ଡିଆ। ପ୍ରଥମେ ବ୍ୟାଟିଂ ଓ ପରେ ବୋଲିଂରେ କମାଲ କରିଛନ୍ତି ଭାରତୀୟ ଖେଳାଳି। ସ୍ଥିତି ଏପରି ହୋଇଛି ଯେ ଭାରତ ପ୍ରଥମ ଇନିଂସର ସ୍କରକୁ ଦୁଇ ଥର ବ୍ୟାଟିଂ କରି ବି ପୂରଣ କରିପାରିନି ଆଫଗାନିସ୍ତାନ। ଯାଦୁ ଦେଖାଇ ଭାରତକୁ ଟେଷ୍ଟ ଇତିହାସରେ ନିଜର ସର୍ବବୃହତ୍ତ ବିଜୟ ଭେଟି ଦେଇଛନ୍ତି। ଏହାପୂର୍ବରୁ ଭାରତୀୟ ଟେଷ୍ଟ ଟିମକୁ ସର୍ବବୃହତ୍ତ ବିଜୟ ୱେଷ୍ଟଇଣ୍ଡିଜ ବିପକ୍ଷ ୨୦୧୮ ଟେଷ୍ଟରୁ ମିଳିଥିଲା। ୨୦୧୮ରେ ଦଳ ୱେଷ୍ଟଇଣ୍ଡିଜକୁ ବେଙ୍ଗାଲୁରୁ ଟେଷ୍ଟରେ ଗୋଟିଏ ଇନିଂସ ଓ ୨୭୨ ରନରେ

## ଭାରତ ପ୍ରଥମ ପାଳି ୫୬୪/୮

## ଆଫଗାନିସ୍ତାନ ୧୫୨ ଓ ୧୧୨

## ଭାରତ ଗୋଟିଏ ପାଳି ଓ ୩୦୦ ରନ୍‌ରେ ପରାସ୍ତ

ନ୍ୟୁ ଚଣ୍ଡିଗଡର ମୁଲାନପୁର ଟେଷ୍ଟକୁ ଭାରତ ଗୋଟିଏ ଇନିଂସ ଓ ୩୦୦ ରନରେ ଜିତି ନେଇଛି। ଏହା ଭାରତୀୟ ଟେଷ୍ଟ ଟିମର ସର୍ବବୃହତ୍ତ ବିଜୟ। ଏହି ବିଜୟରେ ଡେବ୍ୟୁଟାଣ୍ଟ ମାନବ ସୂତାର ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ପ୍ରଥ ଇନିଂସରେ ଏକାକୀ ୬ଟି ୱିକେଟ ନେଇଥିବା ବେଳେ ଦ୍ୱିତୀୟ ଇନିଂସରେ ଗୋଟିଏ ସଫଳତା ପାଇଛନ୍ତି।

ଡେବ୍ୟୁରେ ସେ ନିଜର ସ୍ପିନ ହରାଇଥିଲା। ହେଲେ ଏବେ ଏହି ରେକର୍ଡ ଭାଙ୍ଗି ଭାରତୀୟ ଟିମ ନୂଆ ଇତିହାସ ସୃଷ୍ଟି କରିଛି।

ସେହିପରି ଆଫଗାନିସ୍ତାନ ବିପକ୍ଷରେ ଭାରତ କ୍ରମାଗତ ଦ୍ୱିତୀୟ ଥର ପାଇଁ ଇନିଂସ ବିଜୟ ହାସଲ କରିଛି। ଏହାପୂର୍ବରୁ ୨୦୧୮ରେ ଦଳ ଆଫଗାନିସ୍ତାନ ବିପକ୍ଷ ବେଙ୍ଗାଲୁରୁ ଟେଷ୍ଟକୁ ଗୋଟିଏ ଇନିଂସ ଓ ୨୬୨ ରନରେ ଜିତିଥିଲା। ଏବେ




ଆଫଗାନିସ୍ତାନକୁ ଗୋଟିଏ ଇନିଂସ ଓ ୩୦୦ ରନରେ ଦଳ ହରାଇଛି। ଆଫଗାନିସ୍ତାନ କୌଣସି ଟେଷ୍ଟରେ ତୃତୀୟ ଥର ପାଇଁ ଇନିଂସ ପରାଜୟବରଣ କରିଛି। ଏହାପୂର୍ବରୁ ୨୦୧୮ରେ ଭାରତ ଠାରୁ ଆଫଗାନିସ୍ତାନ ବେଙ୍ଗାଲୁରୁରେ ଗୋଟିଏ ଇନିଂସ ଓ ୨୬୨ ରନରେ ହାରିଥିଲା। ସେହିପରି ୨୦୨୫ରେ ଦଳ ଜିମ୍ବାୱେ ଠାରୁ ଗୋଟିଏ ଇନିଂସ ଓ ୭୩ ରନରେ ପରାଜୟବରଣ କରିଥିଲା।ମ୍ୟାଚ୍ କଥା ବିଚାରକୁ ନେଲେ ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଶୁବମନ ଗିଲଙ୍କ ୧୨୬, କେଏଲ ରାହୁଲଙ୍କ ୧୦୦, ଋଷଭ ପନ୍ତଙ୍କ ୮୧, ସାଇ ସୁଦର୍ଶନଙ୍କ ୮୧ ଓ ୱାଶିଂଟନ ସୁନ୍ଦରଙ୍କ ଅପରାଜିତ ୫୨ ରନ ବଳରେ ଭାରତ ପ୍ରଥମ ଇନିଂସରେ ୮ ୱିକେଟ ହରାଇ ୫୬୪ ରନ କରିବା ପରେ ପାଳି ଘୋଷଣା କରିଥିଲା।

ଏହାର ଜବାବରେ ଆଫଗାନିସ୍ତାନର ବ୍ୟାଟରମାନେ ମାନବ ସୂତାରଙ୍କ ଆଗରେ ଛିଡା ହୋଇ ପାରି ନଥିଲେ। ରହମତ ଶାହଙ୍କ ୬୨ ରନକୁ ଛାଡି ଦେଲେ ଆଉ କୌଣସି ଆଫଗାନ ବ୍ୟାଟର କିଛି ବି ବୁଝିବାକୁ ସକ୍ଷମ ହୋଇ ନଥିଲେ। ମାନବଙ୍କ ୬ ୱିକେଟ, ପ୍ରସିଦ୍ଧଙ୍କ ୩ ଓ ୱାଶିଂଟସନ ଗୋଟିଏ ୱିକେଟ ଦଖଲ କରିବାରୁ ଆଫଗାନିସ୍ତାନ ୧୫୨ ରନରେ ଅଲଆଉଟ ହୋଇ ଯାଇଥିଲା। ପ୍ରଥମ ଇନିଂସରେ ୪୧୨ ରନ ପଛରେ ଥିବା ଆଫଗାନିସ୍ତାନକୁ ଅଧିନାୟକ ଶୁବମନ ଗିଲ ଫଲୋଅନ ଦେଇଥିଲେ। ଫଳରେ ଦଳ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆଜି ଲଞ୍ଚ ପୂର୍ବରୁ ଆରମ୍ଭ କରିଥିଲା। ଦଳର ଦୁଇ ଓପନର ୪୨ ରନ ଯାଏ କୌଣସି ବିପର୍ଯ୍ୟୟ ଘଟିବାକୁ ଦେଇ ନଥିଲେ। ହେଲେ ଲଞ୍ଚରୁ ଫେରିବା ପରେ କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦର ସେମାନଙ୍କୁ ଘାଇଲା କରିଥିଲେ।ୱାଶିଂଟନ ୪ ଓ କୁଲଦୀପ ୩ ୱିକେଟ ନେବାରୁ ଆଫଗାନିସ୍ତାନର ବ୍ୟାଟିଂ ଲାଇନ ଅପ ତାସର ଘର ପରି ଭୁଶୁଡି ପଡିଥିଲା। ଶେଷରେ ଦଳ ଦ୍ୱିତୀୟ ଇନିଂସରେ ମାତ୍ର ୩୫.୫ ଓଭର ବ୍ୟାଟିଂ କରି ୧୧୨ ରନରେ ଅଟକି ଯାଇଥିଲା। ଫଳରେ ଭାରତ ୩୦୦ ରନରେ ଏହି ଟେଷ୍ଟ ମ୍ୟାଚ୍‌କୁ ଜିତି ନେଇଛି।ଆଫଗାନର ଏସ୍ ଅର୍ଶଫ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବାକୁ ଆସି ନଥିଲେ। ଦ୍ୱିତୀୟ ଇନିଂସରେ ମାନବ ଓ ମହମ୍ମଦ ସିରାଜଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି।

### ଟେଷ୍ଟ୍ ପଦାର୍ପଣରେ ଭାରତୀୟଙ୍କ ଶ୍ରେଷ୍ଠ ପ୍ରଦର୍ଶନ

ନରେନ୍ଦ୍ର ହିରୱାନୀ (୮/୬୧) ବନାମ ୱେଷ୍ଟଇଣ୍ଡିଜ୍, ଚେନ୍ନାଇ, ୧୯୮୮
ନରେନ୍ଦ୍ର ହିରୱାନୀ (୮/୭୫) ବନାମ ୱେଷ୍ଟଇଣ୍ଡିଜ୍, ଚେନ୍ନାଇ, ୧୯୮୮
ମାନବ ସୂତାର (୬/୩୩) ବନାମ ଆଫଗାନିସ୍ତାନ, ମୁଲାନପୁର, ୨୦୨୬
ଆର୍ ଅଶ୍ୱିନ (୬/୪୭) ବନାମ ୱେଷ୍ଟଇଣ୍ଡିଜ୍, ଦିଲ୍ଲୀ, ୨୦୧୧
ଏସ୍ ଅବିଦ ଅଲୀ (୬/୫୫) ବନାମ ଅଷ୍ଟ୍ରେଲିଆ, ଆଡିଲେଡ୍ ୧୯୬୭
ଦିଲୀପ ଦୋଶୀ (୬/୧୦୩) ବନାମ ଅଷ୍ଟ୍ରେଲିଆ, ଚେନ୍ନାଇ, ୧୯୭୯

**୧୬ ବର୍ଷରୁ କମ ଜଟଣୀ କ୍ରିକେଟ କପ**

# ଖୋର୍ଦ୍ଧା କ୍ରିକେଟ କ୍ଲବ ଚାମ୍ପିୟନ

ଖୋର୍ଦ୍ଧା,୮।୬; ଜଟଣୀ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ୧୬ ବର୍ଷ ରୁ କମ ବୟସ ର କ୍ରିକେଟ ଖେଳାଳୀ ମାନଙ୍କୁ ନେଇ ଜଟଣୀ କ୍ରିକେଟ କପ ୨୦୨୬ ସ୍ଥାନୀୟ ଜଟଣୀ ମହାବିଦ୍ୟାଳୟ ଖେଳ ପଡିଆ ଠାରେ ଗତ ମେ ୩୧ ତାରିଖରୁ ଜୁନ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଟୁର୍ନାମେଣ୍ଟ ରେ କଟକ ରାଇଜିଙ୍ଗ ଷ୍ଟାର କ୍ଲବ କୁ ଖୋର୍ଦ୍ଧା କ୍ରିକେଟ କ୍ଲବ ୩୧ ରନ ରେ ପରାସ୍ତ କରିଦ୍ୱିତୀୟ ସଂସ୍କରଣ ର ଚାମ୍ପିୟନ ହୋଇଛି। ପ୍ରଥମେ ଟସ ରେ ଜିତି ଖୋର୍ଦ୍ଧା ଦଳ ୨୦ ଓଭର ରୁ ୫ ଉଇକେଟ ହରାଇ ୧୫୮ ରନ କରିଥିଲେ। ପ୍ରତ୍ୟୁତରରେ କଟକ ରାଇଜିଙ୍ଗ କ୍ଲବ ୧୮ ଓଭର ରେ ସମସ୍ତ ଉଇକେଟ ହରାଇ ୧୨୭ ରନ ରେ ସୀମିତ ରହିଥିଲା। ଖୋର୍ଦ୍ଧା ଦଳର ଜଗନ୍ନାଥ ବେହେରା ଙ୍କୁ ମ୍ୟାନ ଅଫ ଦି ଫାଇନାଲ ରୂପେ ବିବେଚନା କରାଯାଇ ଥିବା ବେଳେ ଟୁର୍ନାମେଣ୍ଟ ର ଶ୍ରେଷ୍ଠ ବ୍ୟାଟର ଭାବେ ଆୟୁଷ ପ୍ରଧାନ, ଶ୍ରେଷ୍ଠ ବୋଲର ଭାବେ ଆଗିଆନ ପାଟଶାଣି,ଶ୍ରେଷ୍ଠ ଫିଲଡର ଭାବେ ଆଦିତ୍ୟ ବର୍ଦ୍ଧନ ମେଣ୍ଡାଲି, ଶ୍ରେଷ୍ଠ ଉଇକେଟ କିପର ଭାବେ ଆୟୁଷ ଗୌଡ଼ ଓ ମ୍ୟାନ ଅଫ ଦି ସିରିଜ ଭାବେ ଅଗିଆନ ମହାନ୍ତି ପୁରସ୍କୃତ ହୋଇଥିଲେ।ସୂଚନା ଯୋଗ୍ୟ ଯେ ଏହି ଟୁର୍ନାମେଣ୍ଟ ରେ ଓଡ଼ିଶାର ୮ ଟି ଦଳ ଭାଗ ନେଇଥିଲେ।ଉଦଯାପନୀ



ଉତ୍ସବ ରେ ଅତିଥି ଭାବେ ଖୋର୍ଦ୍ଧା ର ପୂର୍ବତନ ବିଧାୟକ ତଥା ଜିଲ୍ଲା କ୍ରିକେଟ ସଙ୍ଘ ଖୋର୍ଦ୍ଧା ର ସଭାପତି ରାଜେନ୍ଦ୍ର କୁମାର ସାହୁ, ଓ ସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ,କ୍ୟାପଟେନ ମନ୍ମଥ ରାଉତରାୟ,ଆୟୋଜନ କମିଟି ଜଟଣୀ କ୍ରିକେଟ ଏକାଡେମୀ ର ସଚିବ ମନୋହର ମେଣ୍ଡାଲି, ସଭାପତି ବେଣୁଧର ଦାସ, ସେନଚୁରିଆନ ବିଶ୍ୱବିଦ୍ୟାଳୟ ର ଅଧ୍ୟାପକ ଡ଼. ସ୍ମୃତିରଞ୍ଜନ ନାୟକ ଏବଂ ଜଟଣୀ ମହାବିଦ୍ୟାଳୟ ର ଅଧକ୍ଷ ସୁଶାନ୍ତ ବିଶ୍ୱାଳ ଉପସ୍ଥିତ ରହି ଖେଳାଳି ମାନଙ୍କୁ ପୁରାସ୍କୃତ କରିଥିଲେ।ସନ୍ତୋଷ ପଟ୍ଟନାୟକ ଓ ସନ୍ଦୀପ ପାଇକରାୟ ଏହି ଟୁର୍ନାମେଣ୍ଟ ର ସଂଯୋଜନା କରିଥିବା ବେଳେ ବିଶ୍ୱନାଥମ, ଜେ ପି ସାମନ୍ତରାୟ, ଆଇ ଏସ ଗିରି ଓ ପ୍ରିୟତୋଷ ପରାମଣିକ ମ୍ୟାଚ କୁ ପରିଚାଳନା କରିଥିଲେ।

# ଭଦ୍ରକରେ ସିଏମ୍ ଟ୍ରଫି ଜୋନ୍-୩ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

## ଉଭୟ ବାଳିକା ଓ ବାଳକ ବିଭାଗରେ କେନ୍ଦ୍ରାପଡା ବିଜୟୀ

ଭଦ୍ରକ,୮।୬: ଭଦ୍ରକ ଜିଲ୍ଲାରେ ଆୟୋଜିତ ସିଏମ୍ ଟ୍ରଫି ଜୋନ୍-୩ ଭଲିବଲ୍ ପ୍ରତିଯୋଗିତା ଜୁନ୍ ୭ ତାରିଖ ସଂଧ୍ୟାରେ ଭଦ୍ରକ କଲେଜ ପଡିଆ ଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜୋନ୍-୩ ଅନ୍ତର୍ଗତ ଫାଇନାଲ୍ ପ୍ରତିଯୋଗିତାରେ ବାଳକ ବିଭାଗରେ କେନ୍ଦ୍ରାପଡ଼ା ଦଳ ଯାଜପୁର ଜିଲ୍ଲାକୁ ୨-୦ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ୍ ହୋଇଥିବା ବେଳେ ବାଳିକା ବିଭାଗରେ କେନ୍ଦ୍ରାପଡ଼ା ଦଳ ବାଲେଶ୍ୱରକୁ ୨-୧ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ୍ ହେବାର ଗୌରବ ଅର୍ଜନ କରିଛି।




ଉଭୟ ବାଳକ ଓ ବାଳିକା ବିଭାଗର ଚାମ୍ପିୟନ୍ ଦଳଙ୍କୁ ଟ୍ରଫି ଏବଂ ରନର୍ସ-ଅପ୍ ଦଳଙ୍କୁ ପଦକ ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାକୁ ସୁଚାରୁ ଭାବେ ପରିଚାଳନା କରିଥିବା ସମସ୍ତ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଆଥଲେଟିକ୍ ସଂଘ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଅତିଥିମାନେ ରାଜ୍ୟ ସରକାରଙ୍କ ପ୍ରତିଭା ଅନ୍‌ୱେଷଣ କାର୍ଯ୍ୟକ୍ରମ ଭାବେ ସିଏମ୍ ଟ୍ରଫିର ଭୂମିକାକୁ ପ୍ରଶଂସା କରିବା ସହ ଉପସ୍ଥିତ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଉଭୟ ଚାମ୍ପିୟନ୍ ଦଳ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସେମିଫାଇନାଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯାତ୍ରା କରିଛନ୍ତି।

ପ୍ରତିଯୋଗିତାର ସଫଳ ଆୟୋଜନରେ ଜିଲ୍ଲା ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ ବିଭାଗ ଏବଂ ପୌରପାଳିକାର ସହଯୋଗ ପାଇଁ ଅତିଥିମାନେ ଧନ୍ୟବାଦ ଜ୍ଞାପନ କରିଥିଲେ।


ପ୍ରତିଯୋଗିତାକୁ ସଫଳ କରିବାରେ ସଂଘର ସମ୍ପାଦକ ଧୀରେନ ପଲେଇଙ୍କ ସମେତ ଉପେନ୍ଦ୍ର ବାରିକ, ଅତିଶ ବେହେରା, ବ୍ରଜକିଶୋର ଜେନା, ରବିନାରାୟଣ ପାଣିଗ୍ରାହୀ, ତୁଷାର ଦାସ, ପାର୍ଥସାରଥୀ ରାୟ, ସୁଦାମ ନାୟକ, ରବିନାରାୟଣ ଓଝା, ମନୋଜ ସାହୁ, ସୋମନାଥ ସାହୁ, କେ.ଭି. ପ୍ରସାଦ, ମହମ୍ମଦ ତାହିର ଖାନ, ନୟନଜ୍ୟୋତି ଖଟୁଆ, ସଞ୍ଜୀବ ଦାସ, ପ୍ରଦୀପ ବିଶ୍ୱାଳ ଏବଂ ଶମ୍ଭୁନାଥ ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଫିଫା ବିଶ୍ୱକପ୍ ୨୦୨୬ ଖେଳିବେ ୪ ଭାରତୀୟ ବଂଶୋଦ୍ଭବ

ନୂଆଦିଲ୍ଲୀ,୮।୬: ଗୁରୁବାରଠୁ କାନାଡା, ମେକ୍ସିକୋ ଓ ଆମେରିକାରେ ଖେଳାଯିବ ଫିଫା ପୁରୁଷ ବିଶ୍ୱକପ୍ ୨୦୨୬। ବିଶ୍ୱର ଏହି ଫୁଟ୍‌ବଲ୍ ମହାକୁମ୍ଭରେ ଭାରତ ଖେଳୁନି, ହେଲେ ୪ଜଣ ଭାରତୀୟ ବଂଶୋଦ୍ଭବ ଏହି ମହାକୁମ୍ଭରେ ନିଜ ନିଜ ଦେଶରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ସେମାନେ ହେଲେ ତହସିନ ମହମ୍ମଦ ଜାମସିଦ୍ (କତର), ନିଶାନ ଭେଲୁପିଲେ (ଅଷ୍ଟ୍ରେଲିଆ), ସାମୁଏଲ ମେତେସାମି (ଡିଆର୍ କଙ୍ଗୋ) ଓ ସର୍‌ପ୍ରୀତ ସିଂହ (ନ୍ୟୁଜିଲାଣ୍ଡ)।

ବିଶ୍ୱକପ୍‌ରେ ଭାରତ ଖେଳୁନି, ଖେଳୁଛନ୍ତି ୪ଜଣ ଭାରତୀୟ ବଂଶୋଦ୍ଭବ

କେରଳ କନ୍ନୁରର ମାଲାୟାଲି ପିତାମାତାଙ୍କ ଔରସରୁ ଦୋହାରେ ଜନ୍ମିତ ତହସିନ୍ ଚଳିତ ବିଶ୍ୱକପ୍‌ରେ କତରରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ସେ ଭାରତୀୟ ବଂଶୋଦ୍ଭବ ଖେଳାଳି



ଭାବେ କତର ଷ୍ଟାର୍ ଲିଗ୍‌ରେ ଖେଳିବାର ସୁଯୋଗ ପାଇଥିଲେ। ତାଙ୍କ ବାପା ଜାମସିଦ ହେଉଛନ୍ତି ପୂର୍ବତନ ୟୁନିଭରସିଟି ଅଫ୍ କାଲିକଟ୍ ଫୁଟ୍‌ବଲର୍। ୨୦୦୬ରେ କତର ଚାଲିଯାଇଥିବା ଜାମସିଦ୍ ପୁଅକୁ ଫୁଟ୍‌ବଲର୍ କରିବାରେ ଲାଗି ଯାଇଥିଲେ। ସେ ଆସ୍‌ପାୟର ଏକାଡେମୀରେ ତହସିନ୍‌ଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରିଥିଲେ। ଏଠାରେ ଖେଳ ଶିଖିବା ପରେ ତହସିନ୍ ଅଲ୍ ଦୁହାଇଲ ଏସ୍‌ସିରୁ ଖେଳିବା ସହ କତର ଜାତୀୟ ଦଳରେ ସ୍ଥାନ ପାଇଥିଲେ। ଏହି ୱିଙ୍ଗର୍ ବିଶ୍ୱକପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟରେ ଆଫଗାନିସ୍ତାନ ବିପକ୍ଷରେ ପଦାର୍ପଣ କରିଥିଲେ। ସେ ୨୦୨୪ ଜୁନ୍‌ରେ ଭାରତ ବିପକ୍ଷ ଦୋହା ମ୍ୟାଚ୍‌ରେ କତର ଦଳର ସଦସ୍ୟ ରହିଥିଲେ। ୧୯ ବର୍ଷୀୟ ତହସିନ୍ ସଂପ୍ରତି କତରର ଜଣେ ଉଦୀୟମାନ ଫୁଟ୍‌ବଲର୍ ଭାବେ ପରିଚିତ।

**ନିଶାନ ଭେଲୁପିଲେ (ଅଷ୍ଟ୍ରେଲିଆ)**

ତାମିଲିଆନ୍ ନିଶାନ ଭେଲୁପାଲେଙ୍କ ବାପା ହେଉଛନ୍ତି ମାଲେସିଆର ସିଂହଳୀ ତାମିଲ ପରିବାରର ଏବଂ ମା' ଆଙ୍ଗ୍‌ଲୋ-ଇଣ୍ଡିଆନ୍। ଏହି ମେଲ୍‌ବର୍ଣ୍ଣ ଭିକ୍ଟୋରିଆ ୱିଙ୍ଗର୍ ୨୦୨୪ ଅକ୍ଟୋବରରେ ଅଷ୍ଟ୍ରେଲିଆ ବରିଷ୍ଠ ଦଳରୁ ପଦାର୍ପଣ କରିଥିଲେ। ଏହି ବିଶ୍ୱକପ୍ ଯୋଗ୍ୟତା ମ୍ୟାଚ୍‌ରେ ସେ ଗୋଲ୍ ମଧ୍ୟ କରିଥିଲେ। ୨୫ ବର୍ଷୀୟ ନିଶାନ ୮ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩ ଗୋଲ୍ ସ୍କୋର୍ କରିଛନ୍ତି।

**ସାମୁଏଲ୍ ମେତେସାମି (ଡିଆର୍ କଙ୍ଗୋ)**

କଙ୍ଗୋରୁ ପ୍ରତିନିଧିତ୍ୱ କରୁଥିବା ସାମୁଏଲ୍‌ଙ୍କ ଜନ୍ମ ଫ୍ରାନ୍ସରେ। ତାଙ୍କ ମା' ହୋଉଛନ୍ତି କଙ୍ଗୋର ଏବଂ ବାପା ଭାରତ ଓ ଗୁଆଡେଲୁପିର ତାମିଲ ପରିବାରର। ୨୯ ବର୍ଷୀୟ ଏହି ମିଡ୍‌ଫିଲ୍ଡର ଆଫ୍ରିକୀୟ ଦେଶ ପକ୍ଷରୁ ୨୦୧୯ରେ ପଦାର୍ପଣ କରିଥିଲେ। ଏପର୍ଯ୍ୟନ୍ତ ସେ ୫୭ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଲେଣି। ସଂପ୍ରତି ସେ ଗ୍ରିକ୍ କ୍ଲବ୍ ଅଟ୍ରୋମିଟୋସ୍‌ରୁ ଖେଳୁଥିଲା ବେଳେ ପୂର୍ବରୁ ଫ୍ରେଞ୍ଚ ଦଳ ନାନ୍‌ଟେସ୍ ଓ ତୁର୍କିସ ଦଳ ସିଭାସ୍‌ପୋର୍‌ରୁ ଖେଳିବାର ଅଭିଜ୍ଞ ରଖିଛନ୍ତି। ସାମୁଏଲ୍ ହେଉଛନ୍ତି ଆଗାମୀ ବିଶ୍ୱକପ୍‌ରେ ଖେଳିବାକୁ ଯାଉଥିବା ୪ ଭାରତୀୟ ବଂଶୋଦ୍ଭବଙ୍କ ଭିତରେ ସବୁଠୁ ଅଭିଜ୍ଞ ଖେଳାଳି।

**ସର୍‌ପ୍ରୀତ ସିଂହ (ନ୍ୟୁଜିଲାଣ୍ଡ)**

ପଞ୍ଜାବ ଅବିଭାବକ ଔରସରୁ ଅକ୍‌ଲାଣ୍ଡରେ ଜନ୍ମିତ ସର୍‌ପ୍ରୀତ ସିଂହ ହେଉଛନ୍ତି ନ୍ୟୁଜିଲାଣ୍ଡ ଫୁଟ୍‌ବଲ୍‌ର ଜଣେ ଉଜ୍ଜ୍ୱଳ ତାରକା। ସର୍‌ପ୍ରୀତ ୨୦୧୮ ଇଣ୍ଟର୍‌କଣ୍ଟିନେଟାଲ୍ କପ୍ ଖେଳିବାକୁ ଭାରତ ଆସିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଖେଳୁଥିବା ସର୍‌ପ୍ରୀତ ଏହି ପ୍ରତିଯୋଗିତାରେ କେନିଆ ବିପକ୍ଷରେ ଗୋଲ୍ କରିଥିଲା ବେଳେ ଭାରତକୁ ୨-୧ରେ ହରାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଭାରତ ବିପକ୍ଷ ଦୁଇଟି ଯାକ ଗୋଲ୍‌ରେ ସେ ସହଯୋଗ କରିଥିଲେ। ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଖେଳାଳି ଭାବେ ଜର୍ମାନ ବୁନ୍ଦେସ୍‌ଲିଗାରେ ଖେଳିଥିଲେ। ସେ ୨୦୧୯-୨୦ ବୁନ୍ଦେସ୍‌ଲିଗା ବିଜେତା ବେୟର୍ନମ୍ୟୁନିଚ ଦଳର ସଦସ୍ୟ ଥିଲେ। ୨୭ ବର୍ଷୀୟ ସର୍‌ପ୍ରୀତ ୨୪ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩ ଗୋଲ୍ କରିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ